AECC-2
Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University**
**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଦକ୍ଷତାବର୍ଦ୍ଧକ ବାଧ୍ୟତାମୂଳକ ପାଠ୍ୟକ୍ରମ

Ability Enhancement Compulsory Course (AECC)-1

## ଯୋଗାଯୋଗ ମୂଳକ ମାତୃଭାଷା

# ସାକ୍ଷାତକାର ଓ ଭାଷଣକଳା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

## ଦକ୍ଷତାବର୍ଦ୍ଧକ ବାଧ୍ୟତାମୂଳକ ପାଠ୍ୟକ୍ରମ

## ଯୋଗାଯୋଗମୂଳକ ମାତୃଭାଷା - ଓଡ଼ିଆ (ଏ.ଇ.ସି.ସି. - ୨)

ଯୋଗାଯୋଗ ଅନୁବିଧି, ରୀତି ଓ ମାଧ୍ୟମ

# ବ୍ଲକ୍

# ୨ ସାକ୍ଷାତ୍କାର, ଭାଷଣ କଳା

ପ୍ରଥମ ଏକକ
ସାକ୍ଷାତ୍କାର

ଦ୍ୱିତୀୟ ଏକକ
ଭାଷଣ କଳା

ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

# ଏ.ଇ.ସି.ସି. : ୦୨

## ବ୍ଲକ୍ : ୦୨

## ପ୍ରଥମ ସଂସ୍କରଣ : ୨୦୨୦


**ଲେଖକ : ଡକ୍ଟର ଘନଶ୍ୟାମ ଦୀପ**

ଶୈକ୍ଷିକ ପରାମର୍ଶ ଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର।

**ସମୀକ୍ଷକ : ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**

ସଂଯୋଜକ, ସ୍ନାତକୋତ୍ତର ଓଡ଼ିଆ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

ଅଳଙ୍କରଣ : **ଲିପିନା ସାହୁ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

ଡିଟିପି : **ରାଧାକାନ୍ତ ସୁନା**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।



## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2020."**Jogajoga Anubidhi Riti O Madhyam**" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ସାକ୍ଷାତ୍‌କାର

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ବିଷୟ ପରିଚୟ

୧.୩ ସାକ୍ଷାତ୍‌କାର ପୂର୍ବରୁ ପ୍ରସ୍ତୁତି

୧.୪ ସାକ୍ଷାତ୍‌କାର ସମୟର ପ୍ରସ୍ତୁତି

୧.୫ ସାକ୍ଷାତ୍‌କାରର ପ୍ରକାରଭେଦ

୧.୬ ସାକ୍ଷାତ୍‌କାରର ବିଭିନ୍ନ କୌଶଳ

୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୮ ସହାୟକ ଗ୍ରନ୍ଥାବଳୀ


## ୧.୧ ପଠନର ଉଦ୍ଦେଶ୍ୟ

ସାକ୍ଷାତ୍‌କାର ନେବା ଓ ଦେବା ଏକ କଳାତ୍ମକ କୌଶଳ। ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ତଥା ବ୍ୟକ୍ତିଗତ ଯୋଗାଯୋଗ କ୍ଷେତ୍ରରେ ସାକ୍ଷାତ୍‌କାର ବିଶେଷ ଭୂମିକା ରହିଥାଏ। ସାକ୍ଷାତ୍‌କାରରେ ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତା ଉଭୟଙ୍କର ଦାୟିତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ସାକ୍ଷାତ୍‌କାରର ବିଭିନ୍ନ କୌଶଳ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା। ଏହି ବିଷୟ ଅଧ୍ୟୟନ କଲାପରେ ଯାହାସବୁ ଉପଲବ୍ଧ କରିବା ସେସବୁ ନିମ୍ନରେ ପ୍ରଦତ୍ତ କରାଯାଇଛି -

- ସାକ୍ଷାତ୍‌କାର ନେବା କେମିତି
- ସାକ୍ଷାତ୍‌କାରର ମାଧ୍ୟମ
- ବିଭିନ୍ନ ପ୍ରକାରର ସାକ୍ଷାତ୍‌କାର
- ସାକ୍ଷାତ୍‌କାରର କୌଶଳ

## ୧.୨ ବିଷୟ ପରିଚୟ

ବିଭିନ୍ନ ଉଦ୍ଦେଶ୍ୟରେ ସାକ୍ଷାତ୍‌କାର କରାଯାଇପାରେ। ଏକ ବା ଏକାଧିକ ପ୍ରଶ୍ନକର୍ତ୍ତା ଜଣଙ୍କୁ ବା ଜଣେ ପ୍ରଶ୍ନକର୍ତ୍ତା କେତେଜଣଙ୍କୁ ପ୍ରଶ୍ନ ପଚାରନ୍ତି। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅତି ଧୈର୍ଯ୍ୟର ସହିତ ଓ ସ୍ୱଷ୍ଟଭାବରେ ଦେବାକୁ ହୋଇଥାଏ। ସାକ୍ଷାତ୍‌କାର ନେଉଥିବା ବ୍ୟକ୍ତି ନମ୍ର ଓ ଭଦ୍ର ହୋଇଥିବେ ଓ ସାକ୍ଷାତ୍‌କାର ଦେବା ବ୍ୟକ୍ତି ଖ୍ୟାତି ସଂପନ୍ନ, ସମ୍ମାନନୀୟ ଓ ସମାଜରେ ତାଙ୍କର ବ୍ୟକ୍ତିତ୍ୱ ଦୃଷ୍ଟାନ୍ତକାରକ ହୋଇଥିବା ଉଚିତ୍। ସାକ୍ଷାତ୍‌କାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଆଯାଇପାରେ। ସାମ୍ନାସାମ୍ନି ବା ମୁହାଁମୁହିଁ ସାକ୍ଷାତ୍‌କାର ହେଉଛି ପ୍ରତ୍ୟକ୍ଷ ସାକ୍ଷାତ୍‌କାର।

ଅନେକ ସମୟରେ ଯଦି ପ୍ରତ୍ୟକ୍ଷ ସାକ୍ଷାତ୍‌କାର କରାଯାଇ ନପାରିଲା ତାହେଲେ କୌଣସି ବିଷୟରେ ତାଙ୍କ ମନ୍ତବ୍ୟ ଜାଣିବା ପାଇଁ ଟେଲିଫୋନରେ ବା ଇଣ୍ଟରନେଟ ମାଧ୍ୟମରେ ଯୋଗାଯୋଗ କରାଯାଇପାରେ କିମ୍ବା ବେଳେବେଳେ ସେହି ବିଷୟ ସଂପର୍କରେ ଜାଣିବା ପାଇଁ କେତୋଟି ଲିଖିତ ପ୍ରଶ୍ନ ମଧ୍ୟ ପଠାଯାଇପାରେ। ଏ ଧରଣର ସାକ୍ଷାତ୍‌କାରକୁ ପରୋକ୍ଷ ସାକ୍ଷାତ୍‌କାର କୁହାଯାଏ। ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞଥିବା ଅଭିଜ୍ଞତା ଥିବା ବିଶେଷଜ୍ଞଙ୍କ ସୁଚିନ୍ତିତ ବିଚାରକୁ ସାକ୍ଷାତ୍‌କାର ମାଧ୍ୟମରେ ଗ୍ରହଣ କରାଯାଇ ତାକୁ ସାମାଜର ହିତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ। ଯଦି ଶିକ୍ଷାକ୍ଷେତ୍ରରେ ସମସ୍ୟା ଦେଖାଦେଲେ ଅଭିଜ୍ଞ ଶିକ୍ଷାବିତଙ୍କ ବିଚାର ଏଥିପାଇଁ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିଥାଏ। ଅର୍ଥନୀତିକ ସମସ୍ୟାରେ ବିଶିଷ୍ଟ ଅର୍ଥନୀତିଜ୍ଞ, ଭାଷା ସମସ୍ୟାହେଲେ ପ୍ରବୀଣ ଭାଷାବିତ, ରାଜୀନତିକ ସମସ୍ୟାରେ ପ୍ରବୀଣ ରାଜନୀତିଜ୍ଞମାନଙ୍କ ସହିତ ପରାମର୍ଶ ପାଇଁ ସାକ୍ଷାତ୍‌କାର ନିଆଯାଇପାରେ।

ସାକ୍ଷାତ୍‌କାର ଗ୍ରହଣ କରିବା ପାଇଁ ଅନେକ ଗୁଡ଼ିଏ ମାଧ୍ୟମକୁ ଉପଯୋଗ କରାଯାଇଥାଏ। ଯଥା – ଟେପରେକର୍ଡ଼, ଭିଡ଼ିଓ ରେକର୍ଡ଼ିଂ, ଦୂରଭାଷ, ଇଣ୍ଟରନେଟ ଓ ୱେବସାଇଟ୍ ପ୍ରଭୃତି। ଯଦି କେବଳ ଶ୍ରାବ୍ୟ ମାଧ୍ୟମପାଇଁ ସାକ୍ଷାତ୍‌କାର ନିଆଯାଉଥିଲେ ଟେପ୍ ଶୁଣି ଅନାବଶ୍ୟକ ଅଂଶଗୁଡ଼ିକ ବାଦଦେଇ ଏହାର ପ୍ରସାରଣ କରାଯାଇପାରେ। ଦୃଶ୍ୟ ଶ୍ରାବ୍ୟ ମାଧ୍ୟମପାଇଁ ଅନୁରୂପ ଭାବରେ ସଂପାଦନା କରାଯିବା ସହିତ କେତେକ ଆନୁସଙ୍ଗିତ ଦୃଶ୍ୟରୂପ ଏହାସହିତ ସଂଯୋଜିତ କରାଯାଏ। ଏଥିରେ ଆବଶ୍ୟକ ଫଟୋଚିତ୍ର ଓ ଭିଡ଼ିଓ ସଂଯୋଗ କରାଗଲେ ସାକ୍ଷାତ୍‌କାର ବିଶ୍ୱାସନୀୟତା ବୃଦ୍ଧିପାଇବା ସହିତ ଏହା ବିଶେଷ ଆଦରଣୀୟ ହୋଇପାରେ। ଖବରକାଗଜ ବା ଛାପା ମାଧ୍ୟମପାଇଁ ବିଶେଷଜ୍ଞଙ୍କ ସାକ୍ଷାତ୍‌କାର ନିଆଯାଉଥିଲେ, ସାକ୍ଷାତ୍‌କାର ପରେ ସୁବିଧା ଦେଖି ଟେପରୁ ଶୁଣି ତାହାକୁ କାଗଜରେ ଲିପିବଦ୍ଧ କରାଯାଏ ଓ ପରେ ଏହାକୁ ଛପାଯାଏ।

## ୧.୩ ସାକ୍ଷାତ୍‌କାର ପୂର୍ବରୁ ପ୍ରସ୍ତୁତି

ସାକ୍ଷାତ୍‌କାର ନେବା ପୂର୍ବରୁ କେତୋଟି ଜାଣିବା କଥା –

ଗୋଟିଏ ସାକ୍ଷାତ୍‌କାର ପୂର୍ବରୁ ଏହାର ପ୍ରକୃତ ଉଦ୍ଦେଶ୍ୟ ସଂପର୍କରେ ଅବଗତ ହେବା ନିହାତି ଗୁରୁତ୍ୱପୂର୍ଣ୍ଣ। ସାକ୍ଷାତ୍‌କାର ସାଧାରଣତଃ ନିମ୍ନଲିଖିତ ଉଦ୍ଦେଶ୍ୟକୁ ନଜର ରଖି ନିଆଯାଇଥାଏ।

କ) ଯାହାଙ୍କର ସାକ୍ଷାତ୍‌କାର ନିଆଯାଉଛି ସେ ଏକ ନିର୍ଦ୍ଦିଷ୍ଟ ବିଷୟ ସଂପର୍କରେ କେତେମାତ୍ରରେ ଅବଗତ ଅଛନ୍ତି ତାହା ଜାଣିବା ଆବଶ୍ୟକ।

ଖ) ବେଳେବେଳେ ଯାହାଙ୍କର ସାକ୍ଷାତ୍‌କାର ନିଆଯଉଛି ସେ ନିଜେହିଁ ସାକ୍ଷାତ୍‌କାର ବିଷୟବସ୍ତୁ ହୋଇଥାଆନ୍ତି।

ଗ) ଯାହାଙ୍କର ସାକ୍ଷାତ୍‌କାର ନିଆଯାଉଛି ତାଙ୍କର ଚିନ୍ତାଧାରା ତଥା ଗୋଟିଏ ବିଷୟକୁ ନେଇ କିଭଳି ଦୃଷ୍ଟିକୋଣ ରହିଛି, ତାହା ଜାଣିବା ଜରୁରୀ।

ଯାହାଙ୍କର ସାକ୍ଷାତ୍‌କାର ଗ୍ରହଣ କରାଯିବ ପ୍ରଥମେ ତାଙ୍କର ବ୍ୟକ୍ତିତ୍ୱ, ଦକ୍ଷତା, ସାଧନା, ସଂପୃକ୍ତ ବିଷୟରେ ଗଭୀର ପ୍ରବେଶ, ତାଙ୍କର ଅଭିଜ୍ଞତାକୁ ବିଚାରକରି ତାଙ୍କଠାରୁ ସାକ୍ଷାତ୍‌କାର ଗ୍ରହଣ କରିବାର ସ୍ଥିର କରାଯାଏ। ସାକ୍ଷାତ୍‌କାର ଦେବା ବ୍ୟକ୍ତିଙ୍କ ଯୋଗ୍ୟତା, କୃତୀତ୍ୱ ଓ ଅଭିଜ୍ଞତା ସଂପର୍କରେ ବିଧିବଦ୍ଧ ଧାରଣା ରହିଥିବା ସହିତ

ତାଙ୍କ ପ୍ରତି ସମ୍ମାନବୋଧ ରଖିବା ଉଚିତ। ସାକ୍ଷାତ୍‌କାର ଗ୍ରହଣ କରିବା ଯଥେଷ୍ଟ ପୂର୍ବରୁ ତାଙ୍କର ସହିତ ଯୋଗାଯୋଗକରି ଉପଯୁକ୍ତ ସମୟ ନିର୍ଦ୍ଧାରଣ କରିବା ଓ ତାଙ୍କଠାରୁ କ'ଣ ଆଶା କରିଛନ୍ତି ତାହା ତାଙ୍କୁ ଜଣାଇବା ଆବଶ୍ୟକ। ଯାହାଙ୍କଠାରୁ ସାକ୍ଷାତ୍‌କାର ଗ୍ରହଣ କରାଯିବା ତାଙ୍କ ସହିତ ନିର୍ଦ୍ଧାରଣ ସମୟ ଓ ସ୍ଥାନରେ ସାକ୍ଷାତ୍‌କାର କର୍ତ୍ତା ଯାଇ ଉପସ୍ଥିତ ହେବା ଉଚିତ। ତାଙ୍କ ବ୍ୟକ୍ତବ୍ୟକୁ ରେକର୍ଡ କରିବାପାଇଁ ସାଙ୍ଗରେ ଟେପ୍‌ରେକର୍ଡ, ଅଡ଼ିଓ, ଭିଡିଓ କ୍ୟାମେରା, ଟିପାଖାତା, କଲମ ପ୍ରଭୃତି ସରଞ୍ଜାମ ନେବା ଏକାନ୍ତ ଜରୁରୀ।

## ୧.୪ ସାକ୍ଷାତ୍‌କାର ସମୟର ପ୍ରସ୍ତୁତି

- **ସାକ୍ଷାତ୍‌କାର ନେବା ସମୟରେ :** ସର୍ବପ୍ରଥମେ ମନେରଖିବାକୁ ହେବ ଯେ ସାକ୍ଷାତ୍‌କାର ନେବା ସମୟରେ ସାକ୍ଷାତ୍‌କାରୀ ଏବଂ ଯାହାଙ୍କ ଠାରୁ ସାକ୍ଷାତ୍‌କାର ଗ୍ରହଣ କରାଯିବା ଉଭୟଙ୍କ ଭିତରେ ଯଦି ବିରକ୍ତି ଭାବ, ବେପରୁଆଭାବ, ଅହଂଭାବ ଓ ଅଭଦ୍ରାମି ଭଳି କେତେକ ଆଚରଣ ଦେଖାଯାଏ ତେବେ ତାହା ସାକ୍ଷାତ୍‌କାର ସଂପୂର୍ଣ୍ଣ ଭାବେ ବିଶୃଙ୍ଖଳିତ କରିଥାଏ ଫଳରେ ପ୍ରସାରଣବେଳେ ପାଠକ ବା ଦର୍ଶକଙ୍କୁ ଉଚିତ ଖୋରାକ ଯୋଗାଇବା ବଦଳରେ ଏକ ଭ୍ରମାତ୍ମକ ତଥ୍ୟ ଯୋଗାଇଥାଏ। ସାମ୍ନାରେ ବସିଥିବା ବ୍ୟକ୍ତିଙ୍କୁ ନିଜର ମତ ଦେବାପାଇଁ ପର୍ଯ୍ୟାପ୍ତ ସମୟ ଦେବା ଆବଶ୍ୟକ ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତିଙ୍କ କଥାରେ ବାରମ୍ବାର ହସ୍ତକ୍ଷେପ କରିବା ଦ୍ୱାରା ସାକ୍ଷାତ୍‌କାର ଉଦ୍ଦେଶ୍ୟ ସଫଳ ହୋଇପାରେ ନାହିଁ। ସାକ୍ଷାତ ଦେଉଥିବା ବ୍ୟକ୍ତିଙ୍କ ସାମ୍ନାରେ ନିଜକୁ ନିର୍ବୋଧ ବା ବୋକା ଦେଖାଇବା ଭୁଲ। ସାକ୍ଷାତ୍‌କାରର ପ୍ରକୃତ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ମୌଳିକ ଜ୍ଞାନ ରହିବା ଆବଶ୍ୟକ। ଉତ୍ତରଦାତା ପ୍ରଶ୍ନକର୍ତ୍ତାଙ୍କ କଷ୍ଟ ପ୍ରଶ୍ନର କୁଣ୍ଠାବୋଧ ନକରି ସବୁବେଳେ ନମ୍ରଙ୍କ ଭଳି ରହିବାକୁ ଚେଷ୍ଟା କରିବା ଉଚିତ।

ପ୍ରଥମତଃ ସାକ୍ଷାତ୍‌କାରଟି ଯଦି କୌଣସି ପ୍ରସଙ୍ଗ ଉପରେ ଜଣେ ବ୍ୟକ୍ତିଙ୍କର ବିଚାର ସଂପର୍କରେ ଜାଣିବାପାଇଁ ହୋଇଥାଏ, ତାହେଲେ ତୁମକୁ କେବଳ ପ୍ରଶ୍ନ ପଚାରିବାର ଅଛି।। ଉପରୋକ୍ତ ସାକ୍ଷାତ୍‌କାରରେ ଯାହାଙ୍କର ସାକ୍ଷାତ୍‌କାର ନିଆଯାଉଛି ତାଙ୍କୁ ନିଜର ଭାବନା / ମତାମତ ବ୍ୟକ୍ତ କରିବାକୁ ପୂର୍ଣ୍ଣ ସୁଯୋଗ ଦେବା ଉଚିତ। ତୁମେ ନିଶ୍ଚିତ ହେବା ଦରକାର ଯେ, ସାକ୍ଷାତ୍‌କାରଟିକୁ ଲେଖିବାବେଳେ ତୁମେ ସାକ୍ଷାତ୍‌କାରର ଅଂଶ ବିଶେଷକୁ ତ୍ରୁଟିପୂର୍ଣ୍ଣ ଭାବେ ଉପସ୍ଥାପନ କରୁନାହଁ।

ଦ୍ୱିତୀୟତଃ, ଯଦି ଜଣେ ବ୍ୟକ୍ତିଠାରୁ କୌଣସି ପ୍ରସଙ୍ଗରେ ସତ ବାହାର କରିବା ସାକ୍ଷାତ୍‌କାରର ଉଦ୍ଦେଶ୍ୟ, ତାହେଲେ ତୁମେ ଭଲଭାବେ ଆଗୁଆ ପ୍ରସ୍ତୁତି କରିବା ସହ ବ୍ୟକ୍ତି ଜଣଙ୍କୁ ତୀକ୍ଷଣ ପ୍ରଶ୍ନ ପଚାରିବା ଆବଶ୍ୟକ।

ତୃତୀୟରେ ଅନେକ ସମୟରେ ମଧ୍ୟ ଏମିତି ପରିସ୍ଥିତି ଉପୁଜିପାରେ ଯେଉଁଠି ତୁମକୁ କୌଣସି ଏକ ଘଟଣାରେ ପୀଡ଼ିତ ବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର ନେବାକୁ ପଡ଼ିପାରେ। ଯେପରିକି ଆତଙ୍କବାଦୀ ଆକ୍ରମଣ ଶିଶୁ, ନିର୍ଯ୍ୟାତନା କିମ୍ବା ଯୌନ ବ୍ୟଭିଚାର ପୀଡ଼ିତ ବ୍ୟକ୍ତି ଇତ୍ୟାଦି। ପୋଲିସ ନୃଶଂସତା କିମ୍ବା ଜାତିଗତ ହିଂସାର ଶିକାର ବ୍ୟକ୍ତିଙ୍କ ସାକ୍ଷାତ୍‌କାର ମଧ୍ୟ ତୁମକୁ ନେବାକୁ ପଡ଼ିପାରେ। ଏପରି ଘଟଣାରେ ତୁମେ ପୀଡ଼ିତ ବ୍ୟକ୍ତି ସହ ସମ୍ବେଦନଶୀଳ ଆଚରଣ କରିବା କଦାପି ଉଚିତ ନୁହେଁ। ତାଙ୍କୁ ଅନାବଶ୍ୟକ ପ୍ରଶ୍ନପଚାର ନାହିଁ। ଯେଉଁ କଥା ଲୋକଲୋଚନକୁ

ଆସିବା ବିଶେଷ ଜରୁରୀ ନୁହେଁ ବା ଯାହା ପଚାରିବା ଦ୍ୱାରା ପୀଡ଼ିତବ୍ୟକ୍ତି ଅସହଜ ଅନୁଭବ କରିବେ। ସେ ସଂପର୍କରେ ପ୍ରଶ୍ନ ପଚାରିବାରୁ ନିବୃତ୍ତ ରୁହ। ଉଦାହରଣ ସ୍ୱରୂପ ଜଣେ ପୀଡ଼ିତବ୍ୟକ୍ତି ଦୁର୍ଘଟଣା ପରେ କିପରି ଅନୁଭବ କରୁଛ ପଚାରିବା ବଦଳରେ ତୁମେ ତା ସହ କଥାବାର୍ତ୍ତା ଛଳରେ ଘଟଣାଟି କିପରି ଘଟିଲା ତାହା ପଚାରିପାରିବ। ଯେତେବେଳେ ପୀଡ଼ିତ ଜଣକ କଥାବାର୍ତ୍ତାରେ ତୁମ ସହ ପୁରାପୁରି ଭାବରେ ମଜ୍ଜିଯିବ, ସେତେବେଳେ ତୁମେ ଘଟଣାଟି ଘଟିସାରିବାପରେ ସେ କିପରି ଅନୁଭବ କରୁଛନ୍ତି ତାହା ପଚାରିପାରିବ। ବିଶେଷଜ୍ଞମାନଙ୍କ ମତରେ ଗୋଟିଏ ଭଲ ସାକ୍ଷାତ୍‌କାର ଏକ ବାର୍ତ୍ତାଳାପ ଭଳି ହେବା ଉଚିତ। ଗୋଟିଏ ସାକ୍ଷାତ୍‌କାରରେ ମତାମତ, ତଥ୍ୟ ଏବଂ ଧାରଣାର ଏକ ସ୍ୱାଭାବିକ ଆଦାନପ୍ରଦନ ହୋଇଥାଏ।

ସାକ୍ଷାତ୍‌କାରରୁ ପ୍ରାର୍ଥୀର ବ୍ୟକ୍ତିତ୍ୱସହ ବୃଦ୍ଧି ଓ ଜ୍ଞାନର ବିଚାର କରନ୍ତି ପରୀକ୍ଷକ ମଣ୍ଡଳୀ ବା ଚୟନ ସମିତି ପ୍ରାର୍ଥୀଙ୍କର ବେଶପୋଷାକ, କଥା କହିବା ଭଙ୍ଗୀ, କୌଣସି ପ୍ରସଙ୍ଗରେ ତାଙ୍କର ବିଭିନ୍ନ ଦୃଷ୍ଟିକୋଣରୁ ସାକ୍ଷାତ୍‌କାରକୁ ନିମ୍ନମତେ ବିଭକ୍ତ କରାଯାଇପାରେ –

## ୧.୫ ସାକ୍ଷାତ୍‌କାରର ପ୍ରକାରଭେଦ

୧) **ବୃତ୍ତିଭିତ୍ତିକ ସାକ୍ଷାତ୍‌କାର :** ଜୀବନରେ ବିଭିନ୍ନ ବୃତ୍ତି ଅବଲମ୍ବନ କରିବା ପୂର୍ବରୁ ଅନେକ କ୍ଷେତ୍ରରେ ସାକ୍ଷାତ୍‌କାର ଦେବାକୁ ହୋଇଥାଏ। ଏହିଧରଣର ସାକ୍ଷାତ୍‌କାର ହେଉଛି ବୃତ୍ତିଭିତ୍ତିକ ସାକ୍ଷାତ୍‌କାର। ଜୀବନ ଓ ଜୀବିକା ସହିତ ଏହା ସଂପୃକ୍ତ ଥିବାରୁ ଏପ୍ରକାରର ସାକ୍ଷାତ୍‌କାରରେ ସାବଧନତା ଓ ସଚେତନତା ନିହାତି ଜରୁରୀ। ସରକାରୀ ବା ବେସରକାରୀ ସ୍ତରରେ ଯେକୌଣସି ପଦବୀରେ ନିଯୁକ୍ତିପାଇଁ ସାକ୍ଷାତ୍‌କାର ଗୋଟିଏ ପ୍ରମୁଖ ପରୀକ୍ଷା ଭାବେ ବିବେଚିତ ହୋଇଆସିଛି।

ସାକ୍ଷାତ୍‌କାରରୁ ପ୍ରାର୍ଥୀର ବ୍ୟକ୍ତିତ୍ୱସହ ବୃଦ୍ଧି ଓ ଜ୍ଞାନର ବିଚାର କରନ୍ତି ପରୀକ୍ଷକ ମଣ୍ଡଳୀ ବା ଚୟନ ସମିତି। ପ୍ରାର୍ଥୀଙ୍କର ବେଶପୋଷାକ, କଥା କହିବା ଭଙ୍ଗୀ, କୌଣସି ପ୍ରସଙ୍ଗରେ ତାଙ୍କର କେତେ ଜ୍ଞାନ ଅଛି ସେସବୁର ବିଚାର କରାଯିବା ସହ ଆଞ୍ଚଳିକ ଠାରୁ ଆନ୍ତର୍ଜାତୀ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ବା ବିଷୟ ଉପରେ ତାଙ୍କର ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ସର୍ବୋପରି ସାଧାରଣ ଜ୍ଞାନକୁ ଗୁରୁତ୍ୱର ସହ ବିଚାର କରାଯାଏ। ପଦବୀ ପାଇଁ ପାର୍ଥୀ ଜଣକ ଉପଯୁକ୍ତ ବା ଅନୁପଯୁକ୍ତ, ଯୋଗ୍ୟ ବା ଅଯୋଗ୍ୟ ତାହା ଜାଣିବା ପାଇଁ ସାକ୍ଷାତ୍‌କାର ନିର୍ଣ୍ଣାୟକ ଭୂମିକା ନେଇଥାଏ। ଲିଖିତ ପରୀକ୍ଷାର ନମ୍ବର ଆଧାରରରେ ସାକ୍ଷାତ୍‌କାର ପାଇଁ ପ୍ରାର୍ଥୀଙ୍କୁ ଅନେକ କ୍ଷେତ୍ରରେ ଡକାଯାଉଥିଲେ ହେଁ ଏବେ ଉଭୟ ସରକାରୀ ଓ ବେସରକାରୀ ଚାକିରି ପାଇଁ ଅନେକ ସମୟରେ କେବଳ ସାକ୍ଷାତ୍‌କାରକୁ ପରୀକ୍ଷାଭାବରେ ଗ୍ରହଣ କରାଯାଉଛି। ସାକ୍ଷାତ୍‌କାର ପାଇଁ ଡ଼ାକରରା ପାଇଁ ପ୍ରାର୍ଥୀ ଜରଣକ ବିସ୍ତୃତ ଭାବେ ବିଧିବଦ୍ଧ ପ୍ରସ୍ତୁତ କରିଥାଏ। ଏହି ପ୍ରସ୍ତୁତି ଉପରେ ସାକ୍ଷାତ୍‌କାରର ସଫଳତା ଓ ବିଫଳତା ନିର୍ଭର କରେ। ସାକ୍ଷାତ୍‌କାର ସମୟରେ ପ୍ରାର୍ଥୀ ସବୁବେଳେ ନିଜର ଆଗ୍ରହ, ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ। କ'ଣ ପଚରାଯାଉଛି ଉତ୍ତର କ'ଣ କୁହାଯିବ ସେଥିପ୍ରତଧ୍ୟାନଦେଇ ସ୍ପଷ୍ଟ ମତ ଦେବା ଦରକାର। ନିଜର ଉତ୍ତର ସମୟରେ ଅଧିକ ଭାବପ୍ରବଣ ବା ଉତ୍ତେଜିତ ହେବା ଅନାବଶ୍ୟକ। ସବୁ କ୍ଷେତ୍ରରେ ସନ୍ତୁଳନ ରକ୍ଷାକରି ଉତ୍ତରଦେଲେ ତାହା

ଚୟନକର୍ତ୍ତା ବା ଚୟନ ସମିତିର ଦୃଷ୍ଟି ଆକର୍ଷଣ କରିଥାଏ। ଲିଖିତ ପରୀକ୍ଷାପରେ ସାକ୍ଷାତ୍କାର ପରୀକ୍ଷା ଯେଉଁ କ୍ଷେତ୍ରରେ ଥାଏ ସେଠାରେ ହୁଏତ ସାକ୍ଷାତ୍କାର ପାଇଁ ନମ୍ବର ଅଧିକ ନଥାଏ। ତେବେ ଚୟନ ପାଇଁ ଏହାର ଭୂମିକା ନିର୍ଣ୍ଣାୟକ ହୋଇଥାଏ। ତେବେ ଯେଉଁ କ୍ଷେତ୍ରରେ କେବଳ ସାକ୍ଷାତ୍କାରକୁ ଚୟନର ମାଧ୍ୟମବା ଏକମାତ୍ର ପରୀକ୍ଷା ଭାବେ ଗ୍ରହଣ କରାଯାଇଥାଏ ସେଠାରେ ସାକ୍ଷାତ୍କାର ସାମଗ୍ରିକ ଭାବେ ପ୍ରାର୍ଥୀର ପରୀକ୍ଷା କରିଥାଏ। ପ୍ରାର୍ଥୀଜଣକ ସାକ୍ଷାତ୍କାର ଗୃହକୁ ଆସିବା ଠାରୁ ବିଦାୟ ନେବା ପର୍ଯ୍ୟନ୍ତ ବିଚାରକରି ନମ୍ବର ଦିଆଯାଇଥାଏ। ସାକ୍ଷାତ୍କାରରେ ପ୍ରାର୍ଥୀଙ୍କର ପସନ୍ଦ ଅପସନ୍ଦ ଲକ୍ଷ୍ୟ, ଜୀବନଶୈଳୀ କଥା ମଧ୍ୟ ପଚରାଯାଏ, ଯାହାକି ତାଙ୍କ ବ୍ୟକ୍ତିର ପରିମାପକ। ବ୍ୟକ୍ତିର ବ୍ୟକ୍ତିତ୍ୱ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ, ବ୍ୟକ୍ତିର ସାଧାରଣ ଜ୍ଞାନ, ବ୍ୟକ୍ତିର ବିଷୟଜ୍ଞାନ, ବ୍ୟକ୍ତିର ସେହି ପଦବୀ ପାଇଁ ଆଗ୍ରହ ଇତ୍ୟାଦି ଉପଯୁକ୍ତ ନା ଅନୁପଯୁକ୍ତ ତାହା ନିର୍ଦ୍ଧାରଣ କରାଯାଏ। ସାକ୍ଷାତ୍କାରରେ ଉତ୍ତରଦେବାର ମୌଳିକତା, ଉତ୍ତର ଦେବାର ନିଜସ୍ୱଶୈଳୀ, ସାକ୍ଷାତ୍କାର ଅନେକ ସମୟରେ ଜଣେ ଅଧ୍ୟକ୍ଷ (Chairman) ଏବଂ ଦୁଇ ବା ତିନି ଜଣ ସଦସ୍ୟ (Member) ଙ୍କୁ ନେଇ ଗଠିତ ବୋର୍ଡ଼ ଦ୍ୱାରା ହୋଇଥାଏ।

ତେବେ ବେଳେବେଳେ ବ୍ୟତିକ୍ରମ ବି ଦେଖାଯାଏ। ସିଧା ସଳଖ ଜଣେ ଅଧ୍ୟକ୍ଷ ସାକ୍ଷାତ୍କାର ନେଇପାରନ୍ତି। ଏହା ପଦବୀର ଆବଶ୍ୟକତା, ପଦବୀ ସଂଖ୍ୟା, ପଦବୀ ପାଇଁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ସଂଖ୍ୟା ଇତ୍ୟାଦି ଉପରେ ନିର୍ଭର କରିଥାଏ। କେତେକ ଛୋଟ ଛୋଟ ସାମୟିକ ପଦବୀ ପୂରଣ ପାଇଁ ସାକ୍ଷାତ୍କାର ସିଧାସଳଖ ଏହି ଭଳି ହୋଇଥାଏ। ଧରାଯାଉ କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଯେକୌଣସି ପ୍ରକଳ୍ପ (Project) ବା ବୃତ୍ତି (Scholarship) ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯିବାକୁ ହୁଏ, ତେବେ ସେ କ୍ଷେତ୍ରରେ ସେହି ବିଭାଗ ବା ପ୍ରକଳ୍ପ ମୁଖ୍ୟ (Project head) ଅଥବା ଜଣେ ବିଷୟ ବିଶାରଦ ବା (Subject expert) ଯୋଗ୍ୟ ପ୍ରାର୍ଥୀଙ୍କର ସାକ୍ଷାତ୍କାର ନେଇ ସେହି ନିର୍ଦ୍ଦିଷ୍ଟ ବିଷୟରେ କେତେ ଜ୍ଞାନ ଅଛି, ସେହି ପ୍ରକଳ୍ପ ବା ବୃତ୍ତିପାଇଁ ଯୋଗ୍ୟ ତାହା ବିଚାର କରିପାରନ୍ତି। ସାକ୍ଷାତ୍କାର ଭିତ୍ତିରେ ପ୍ରାର୍ଥୀଙ୍କର ବିଷୟ ଦକ୍ଷତା ସହ ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ଆକଳନ ହୁଏ। ଯଦି ଉତ୍ତର ଘୋଷିବା ମୁଖସ୍ଥ କରି ପ୍ରାର୍ଥୀ ମନେପକାଇ ବା ମନଇଚ୍ଛା ଉତ୍ତର ଦେଇଥାନ୍ତି, ତେବେ ତାହା ଚୟନ ସମିତି ବା ବୋର୍ଡ଼ର ଦୃଷ୍ଟି ଆକର୍ଷଣ କରିନଥାଏ। ଅର୍ଥାତ ପ୍ରାର୍ଥୀ ଜଣକଯେ ଯୋଗ୍ୟ ନୁହେଁ ଏବଂ ତାଙ୍କର ଜ୍ଞାନଗାରିମା ଯେ ମୌଳିକ ଓ ସ୍ୱଚ୍ଛ ନୁହେଁ ତାହା ସେମାନେ ହୃଦବୋଧ କରନ୍ତି। ବୃତ୍ତିଭିତ୍ତିକ ସାକ୍ଷାତ୍କାର ପାଇଁ କୋଡେକୋଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇପାରେ।

୧) ସାକ୍ଷାତ୍କାର ଯିବା ପୂର୍ବରୁ ଶାରୀରିକ ଓ ମାନସିକ ଉଭୟ ସ୍ତରରେ ପ୍ରସ୍ତୁତ ହୋଇଯିବା ଭଲ।

୨) ସାକ୍ଷାତ୍କାର ପାଇଁ ଯିବାବେଳେ ଅନ୍ତତଃ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପରିଧାନ କରିବା ଆବଶ୍ୟକ

୩) ନିଜର ସମସ୍ତ ତଥ୍ୟ ବା ବ୍ୟକ୍ତିଗତ ବିବରଣୀ ସମ୍ବନ୍ଧୀୟ କାଗଜପତ୍ର ପ୍ରସ୍ତୁତ କରି ନିଜ ସାଙ୍ଗରେ ନେବା ଜରୁରୀ

୪) ସାକ୍ଷାତ୍କାର ପ୍ରକୋଷ୍ଠରେ ହସ ହସ ମୁହଁରେ ପ୍ରବେଶ କରି ଉପସ୍ଥିତମାନଙ୍କୁ ଯଥା ସମ୍ଭବ ସମ୍ମାନ ଜ୍ଞାପନ କରିବା ଉଚିତ୍।

୫) ନିଜ ସାମର୍ଥ୍ୟ ଦୁର୍ବଳତାକୁ ବିଚାର କରି ସାକ୍ଷାତ୍କାରର ସମ୍ମୁଖୀନ ହେବା ଉଚିତ।

୬) ଯଥା ସମ୍ଭବ ସବୁପ୍ରଶ୍ନର ଉତ୍ତରଦେବା ପାଇଁ ଚେଷ୍ଟାକରିବା ଆବଶ୍ୟକ।

୭) ଉତ୍ତର ଦେବାବେଳେ ସିଧାସଳଖ ପ୍ରଶ୍ନକର୍ତ୍ତାଙ୍କ ମୁହଁକୁ ଚାହିଁ ଉତ୍ତର ଦେବା ଭଲ।

୮) ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନକୁ ମନଦେଇଶୁଣି ଭାବିଚିନ୍ତି ଯଥା ସମ୍ଭବ ଉତ୍ତର ଦେବା ଉଚିତ୍।

୯) ପ୍ରଶ୍ନର ଭୁଲ ଉତ୍ତର ଦେବା ଅପେକ୍ଷା, ଉତ୍ତର ଦେଇ ଏଡାଇଯିବା ଭଲ।

୧୦) ସାକ୍ଷାତ୍‌କାର ସମୟରେ କ୍ରୋଧ ଓ ବିରକ୍ତିର ବଶବର୍ତ୍ତୀ ନହୋଇ ଅତି ଭଦ୍ରଭାବରେ ଉତ୍ତରଦେବା ଆବଶ୍ୟକ।

୧୧) ଉତ୍ତରଦେବା ସମୟରେ ନିଜର କଣ୍ଠସ୍ୱର ମଧ୍ୟ ଆକର୍ଷଣୀୟ ହେବା ଉଚିତ।

୧୨) ନିଜର ଆଚରଣ ଓ ଉଚ୍ଚାରଣରେ କାହାକୁ ବିରକ୍ତ ନକରି ବରଂ ସମସ୍ତଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବା ଜରୁରୀ।

୧୩) ପ୍ରଶ୍ନକର୍ତ୍ତା ଆଶା ରଖିଥିବା ସମୟ ମଧ୍ୟରେ ନିଜର ବକ୍ତବ୍ୟ ରଖିବା ଦରକାର।

୧୪) ସାକ୍ଷାତ୍‌କାର କକ୍ଷ ତ୍ୟାଗ କରିବା ସମୟରେ ନିଜ ସମସ୍ତ କାଗଜପତ୍ର ଆଣି ପୁନର୍ବାର ସମସ୍ତଙ୍କୁ ଭଦ୍ର ଭାବରେ ବିଦାୟ ନିଆଯାଇପାରେ।

**୨) ତଥ୍ୟଭିତ୍ତିକ ସାକ୍ଷାତ୍‌କାର :** କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ କିଛି ଜରୁରୀ ତଥ୍ୟ ଦେଖାଇବା ସହ କୌଣସି ବ୍ୟକ୍ତିବିଶେଷଙ୍କର ଏ ସଂପର୍କରେ ତାଙ୍କର ମତାମତ ଜାଣିବାରେ ଏହା ସହାୟକ ହୋଇଥାଏ। ଉଦାହରଣ ସ୍ୱରୂପ ଯଦି ତୁମେ ଓଡ଼ିଶାରେ ବାତ୍ୟା ସମୟରେ ସଫଳତାପୂର୍ବକ ନିଜ ଦାୟିତ୍ୱ ସଂପନ୍ନ କରିଥିବା ସରକାରୀ ପ୍ରତିନିଧିଙ୍କୁ ସାକ୍ଷାତ କରୁଛ, ତେବେ ତାଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରିପାରିବ।

କ) ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଗାଁ ମାନଙ୍କରେ ଉଦ୍ଧାର କାର୍ଯ୍ୟ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛଇ ?

ଖ) ସହାୟତା ପାଇଁ କେତେଜଣ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି।

ଗ) ଆବଶ୍ୟକସ୍ଥଳେ ଯଦି ପରିସ୍ଥିତି ଅଣାୟତ୍ତ ହୁଏ ତେବେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ କିଛି ସହାୟତା ମାଗିଛନ୍ତି କି ?

**୩) ସାରସ୍ୱତ ସାକ୍ଷାତ୍‌କାର :** ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା କୃତି ସାହିତ୍ୟିକଗଣ ଯଥା କବି, ଲେଖକ, ନାଟ୍ୟକାର, ଉପନ୍ୟାସକାର, କଥାକାରମାନଙ୍କ ସହିତ ଏପ୍ରକାର ସାକ୍ଷାତ୍‌କାର ନିଆଯାଇଥାଏ। ଏହା ଫଳରେ ସେମାନଙ୍କ କୃତି ଓ କୃତିତ୍ୱ ପରବର୍ତ୍ତୀ ଲେଖକମାନଙ୍କ ପ୍ରତି ସେମାନଙ୍କ ଦିଗଦର୍ଶନ ପ୍ରଭୃତି ଲେକଲୋଚନକୁ ଆସିପାରେ। ସମାଜ ଓ ସଂସ୍କୃତି ପ୍ରତି ସେମାନଙ୍କ ଦୃଷ୍ଟିକୋଣ ସେମାନଙ୍କ ସୃଜନ ଆଭିମୁଖ୍ୟ ମଧ୍ୟ ଏହା ମାଧ୍ୟମରେ ଆକଳିତ ହୋଇପାରେ। ସାହିତ୍ୟପ୍ରେମୀମାନଙ୍କୁ ଏହି ଧରଣର ସାକ୍ଷାତ୍‌କାର ବିଶେଷ ଭାବେ ଆଦୃତ କରିଥାଏ।

**୪) ଆବେଗପୂର୍ଣ୍ଣ ସାକ୍ଷାତ୍‌କାର :** ଏଭଳି ସାକ୍ଷାତ୍‌କାର ନେବା ଟିକେ କଷ୍ଟକର। ଏହା ସାକ୍ଷାତ କରୁଥିବା ବ୍ୟକ୍ତିଙ୍କର ସମସ୍ତ ପ୍ରକାରର ଆବେଗିକ ଅନୁଭୂତିକୁ ଲୋକମାନଙ୍କ ସାମ୍ନାକୁ ଆଣିବାରେ ସାହାର୍ଯ୍ୟ କରେ।ଏହି ଭାବ ଖୁସି ବା ପ୍ରେମ ହୋଇପାରେ। କଷ୍ଟ, ଉତ୍ତେଜନା କିମ୍ବା ରାଗ ମଧ୍ୟ ହୋଇପାରେ। ଏଭଳି ସାକ୍ଷାତ୍‌କାର ସମୟରେ କିଛି ନିର୍ଦ୍ଦିଷ୍ଟ ସମୟରେ ନିରବତା ଅବଲମ୍ବନ କରାଯାଏ। ଫଳରେ ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତି ନିଜ ଭାବନାକୁ ବ୍ୟକ୍ତ କରିବା ପାଇଁ ଠିକ ଭାବରେ ପ୍ରସ୍ତୁତ ହୋଇ ପାରିବେ।

**୫) ବିଶେଷଜ୍ଞଙ୍କ ସାକ୍ଷାତ୍‌କାର :** ବିଶେଷତଃ ଯେତେବେଳେ ବିଶେଷଜ୍ଞଙ୍କ ସାକ୍ଷାତ୍‌କାର ଗ୍ରହଣ କରାଯାଏ ପୂର୍ବରୁ ତାଙ୍କ ସହିତ ସମୟ ନିର୍ଦ୍ଧାରିତ କରାଯିବା ଆବଶ୍ୟକ। ସେ ଦେଇଥିବା ସମୟ ଅନୁଯାୟୀ, ତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ଉପଯୁକ୍ତ ସମ୍ମାନ ଜ୍ଞାପନ କରାଯାଏ। ଅନେକ ସମୟରେ ସେହିବ୍ୟକ୍ତି ବିଶେଷଜ୍ଞଙ୍କୁ ଉପହାର ସ୍ୱରୂପ କିଛି ଦିଆଯାଇଥାଏ। ତାଙ୍କୁ ସୁହାଇବା ଭଳି ଉପଯୁକ୍ତ ସ୍ଥାନ ବା ରେକର୍ଡ଼ିଂ ଷ୍ଟୁଡ଼ିଓରେ ତାଙ୍କୁ ଅତି ଶିଷ୍ଟ ଭାବରେ ନମ୍ରତାର ସହିତ ଗୋଟିଏ ପରେ ଗୋଟିଏ କରି ପ୍ରଶ୍ନ କରାଯାଏ। ଅନେକ ସମୟରେ ବିଶେଷଜ୍ଞ ଇଚ୍ଛା କଲେ, ରେକର୍ଡ ରାଯାଇଥିା ବକ୍ତବ୍ୟ ମଧ୍ୟ ତାଙ୍କୁ ଶୁଣାଇ ଦିଆଯାଇପାରେ। ତାଙ୍କ ମାନସିକ ଯେପରି କ୍ଷୁର୍ଣ୍ଣ ନ ହୁଏ, ସେଥିପ୍ରତି ସଜାଗ ରହିବାକୁ ପଡିଥାଏ। ଯେ କୌଣସି ପ୍ରଶ୍ନର ଉତ୍ତର ନପାଇଲେ, ବିବ୍ରତ ନହୋଇ ବରଂ ପୁଣ ତାଙ୍କ ଠାରୁ ଉତ୍ତର ଆଣିବାକୁ ଚେଷ୍ଟା କରାଯାଏ। ଏହି ଧରଣର ସାକ୍ଷାତ୍‌କାର ନେବା ଆଗରୁ ସେହି ବ୍ୟକ୍ତି ବିଶେଷଙ୍କ ବ୍ୟକ୍ତିତ୍ୱ ଉପରେ ଧାରଣା ରହିଥିବା ନିହାତୀ ଜରୁରୀ।

ଯେଉଁ ବିଷୟ ଆଧାରରେ ସାକ୍ଷାତ୍‌କାର ନିଆଯାଏ ସେହି ବିଷୟ ପ୍ରତି ମଧ୍ୟ ସାକ୍ଷାତ୍‌କାର ଗ୍ରହିତାଙ୍କ ବିଶେଷ ଜ୍ଞାନ ଥିବା ଜରୁରୀ। ସମସ୍ତ ଉତ୍ତର ପାଇବା ପରେ ତାଙ୍କୁ କୃତଜ୍ଞତା ଓ ଜଣାଇ ତାଙ୍କଠାରୁ ବିଦାୟ ଅଣାଯାଏ।

## ୧.୬ ସାକ୍ଷାତ୍‌କାରର ବିଭିନ୍ନ କୌଶଳ

ବିଭିନ୍ନ ଉଦ୍ଦେଶ୍ୟରେ ସାକ୍ଷାତ୍‌କାର କରାଯାଇପାରେ। କୌଣସି ଗୁରୁତର ଜାତୀୟ ବା ରାଷ୍ଟ୍ରୀୟ ସମସ୍ୟା, ରାଜନୀତି ସମସ୍ୟା, ସାମାଜିକ ଓ ସାଂସ୍କୃତିକ ସମସ୍ୟା ପ୍ରଭୃତିର ସମାଧାନ ପାଇଁ ଏ ବିଷୟରେ ବିଶେଷଧାରଣା ଥିବା ବ୍ୟକ୍ତି ବିଶେଷଜ୍ଞ ସାକ୍ଷାତ୍‌କାର ଗ୍ରହଣ କରାଯାଇପାରେ। ଅନେକ ସମୟରେ ବିଭିନ୍ନ ବିଶେଷଜ୍ଞଙ୍କ ଅନୁଭୂତି, ରାଷ୍ଟ୍ର ଓ ସମାଜ ବିଷୟରେ ସେମାନଙ୍କ ସୁଚିନ୍ତିତ ବିଚାର ଇତ୍ୟାଦିକୁ ଜନମଙ୍ଗଳ ଉଦ୍ଦେଶ୍ୟରେ ସାକ୍ଷାତ୍‌କାର ମାଧ୍ୟମରେ ଗ୍ରହଣ କରାଯାଇପାରେ। ରାଜନୀତି ସମସ୍ୟା ଆସିଲେ ବିଚାରବନ୍ତ ବିଶେଷଜ୍ଞଙ୍କ ବିଚାର ଏଥିପାଇଁ ଉପଯୁକ୍ତ ଦିଗ୍ ଦର୍ଶକ ପ୍ରଦାନ କରିଥାଏ। ଶିକ୍ଷା ସମସ୍ୟାରେ ଅଭିଜ୍ଞ ଶିକ୍ଷାବିତ୍, ଭାଷା ସମସ୍ୟାରେ ପ୍ରବୀଣ ଭାଷାବିତ, ଅର୍ଥନୀତିକ ସମସ୍ୟାରେ ବିଶିଷ୍ଟ ଅର୍ଥନିତୀଜ୍ଞ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଜନୀତ ସମସ୍ୟାରେ ଏ ବିଦ୍ୟାରେ ଅଭିଜ୍ଞମାନଙ୍କ ସହିତ ପରାମର୍ଶ ପାଇଁ ସାକ୍ଷାତ୍‌କାର ନିଆଯାଇପାରେ।

**୬) ଆକସ୍ମିକ ସାକ୍ଷାତ୍‌କାର :** ଅନେକ ସମୟରେ କେତେକ ଆକସ୍ମିକ ବା ଜରୁରୀ ସମସ୍ୟା ଦେଖାଯାଇଥାଏ। ଏହି ସମୟରେ କେତେଜଣ ବିଶେଷଜ୍ଞଙ୍କ ପରାମର୍ଶ ନିତାନ୍ତ ଆବଶ୍ୟକ ହୋଇଥାଏ। ବନ୍ୟା, ବାତ୍ୟା, ଭୂମିକମ୍ପ, ଦୁର୍ଭିକ୍ଷ ଭଳି ପ୍ରାକୃତିକ ବିପର୍ଯ୍ୟୟ ତଥା ସଡ଼କ ଦୁର୍ଘଟଣା ସମାଜରେ ଦଙ୍ଗା ପ୍ରଭୃତି ମାନବକୃତ

ସମସ୍ୟାଗୁଡ଼ିକ ଆକସ୍ମିକ ଭାବରେ ଘଟିଥାଏ । ଏହିଭଳି ସମସ୍ୟା ଦେଖାଦେଲେ ବିଭିନ୍ନ ବିଶେଷଜ୍ଞଙ୍କ ସହିତ ସାକ୍ଷାତ୍‌କାର ଜରୁରୀ ହୋଇଥାଏ । ତେଣୁ ଏହି ଭଳି ପରିସ୍ଥିତିରେ ବିଶେଷଜ୍ଞଙ୍କୁ କୌଣସି ପ୍ରକାରରେ ଅନୁରୋଧ କରି ସେମାନଙ୍କ ସହିତ ସାକ୍ଷାତ୍‌କାର ଓ ପରାମର୍ଶ ଗ୍ରହଣ କରି ପ୍ରସାରଣ କରାଯାଏ । ଫଳରେ ସମାଜରେ ଜନସାଧାରଣଙ୍କ ଦ୍ୱାରା ଉଠୁଥିବା ବିଭ୍ରାନ୍ତର ଉପଚାର ଘଟିଥାଏ ଯଦ୍ୱାରା ଲୋକମାନେ ବିଶେଷଭାବରେ ଉପକୃତ ହୋଇଥାନ୍ତି ଓ ପ୍ରଶାସକ ମଧ ଉପଯୁକ୍ତ ମାର୍ଗ ଦର୍ଶନ ପ୍ରାପ୍ତ ହୁଅନ୍ତି । ଅନେକ ସମୟରେ ସମାଜରେ କିଛି ଚମତ୍କାର ଅଥବା ଆଲୌକିକ କାର୍ଯ୍ୟ ସଂପର୍କରେ ଆକାସ୍ମିକ ଭାବରେ ପ୍ରଚାରିତ ହୋଇ ଅତି ଶିଘ୍ର ଗତିରେ ବ୍ୟାପିଯାଏ । ଏଥିପ୍ରତି ଲୋକଙ୍କ ଭିତରେ କୌତୁହଳ, ଆଗ୍ରହ ଓ ଉଦ୍ଦିପନା ବୃଦ୍ଧିପାଏ । ସେହିସ୍ଥାନକୁ ଲୋକଙ୍କର ସୁଅ ଛୁଟେ । ମାତ୍ର ପ୍ରକୃତ ଘଟଣା ସଂପର୍କରେ ଉପଯୁକ୍ତ ଧାରଣା ଦେବା ପାଇଁ ଘଟଣା ସ୍ଥଳ ଓ ଘଟଣା ସହିତ ସଂପୃକ୍ତ ଲୋକଙ୍କର ଉପଯୁକ୍ତ ସାକ୍ଷାତକ୍ଷାର ଜରୁରୀ ହୋଇ ପଡ଼ିଥାଏ

୭) **ବିଶ୍ଳେଷଣାତ୍ମକ ସାକ୍ଷାତ୍‌କାର :** ବିବିସି ପ୍ରଶିକ୍ଷଣ ମାନୁଆଲ ଅନୁଯାୟୀ, ବିଶ୍ଳେଷଣାତ୍ମକ ସାକ୍ଷାତ୍‌କାର ଓ ପ୍ରସାରଣ ସାକ୍ଷାତ୍‌କାର ଭିତରେ ଯଥେଷ୍ଟ ଫରକ ରହିଛି । ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତି ଜଣକ କୌଣସି ବିଷୟରେ ତଥ୍ୟାତ୍ମକ ବିଶ୍ଳେଷଣ କରୁଥିବା ଆବଶ୍ୟକ । ଉଦାହରଣ ସ୍ୱରୂପ ସୁଧହାର ବଢୁଥିବା ବେଳେ, ଏହା ବନ୍ଧକ ଋଣକୁ କିପରି ପ୍ରଭାବିତ କରିବ ସେନେଇ ଜଣେ ଅର୍ଥନୀତି ବିଶେଷଜ୍ଞଙ୍କୁ ପଚରାଯାଇପାରେ ।

୮) **ଫୋନ ସାକ୍ଷାତ୍‌କାର :** କେତେକ କ୍ଷେତ୍ରରେ ବିଭିନ୍ନ ଖବର କାଗଜ ଓ ପତ୍ରପତ୍ରିକା ଅନେକ ଧରଣର ଅସାଧାରଣ ସାକ୍ଷାତ୍‌କାର ପ୍ରସାରଣ କରନ୍ତି । ଅନେକ ସ୍ଥଳରେ ସମାଜର ଦୃଷ୍ଟି ଆଢୁଆଳରେ ରହିଯାଇଥିବା କେତେକ ଅସାଧାରଣ ଘଟଣା ଏପରି ଘଟଣା ଘଟୁଥିବା ସ୍ଥାନ, ଘଟଣା ଘଟାଉଥିବା ବ୍ୟକ୍ତିବିଶେଷଙ୍କୁ ଜନଲୋଚନକୁ ଆଣିବାପାଇଁ ଏହିଧରଣର ସାକ୍ଷାତ୍‌କାର ଗ୍ରହଣ କରାଯାଏ । ତେଣୁ ଏଥିପାଇଁ ବିପଦ ସଙ୍କୁଳ ସ୍ଥଳକୁଯାଇ ସାକ୍ଷାତ୍‌କାର ନିଆଯାଏ । ବନ୍ୟାକ୍ଲିଷ୍ଟ ସ୍ଥାନଭଳି ବିପଦପୂର୍ଣ୍ଣ କ୍ଷେତ୍ରରେ ସାକ୍ଷାତ୍‌କାର ମଧ ଏଇ ଶ୍ରେଣୀର ଅସାଧାରଣ ସାକ୍ଷାତ୍‌କାର । ବେଳେବେଳେ କେତେକ ଅତିପ୍ରଚାରିତ ଗୁଜବ, ଅତି ଅବିଶ୍ୱାସ୍ୟ ଘଟଣା ପ୍ରକୃତି ଜନସାଧାରଣଙ୍କୁ ବିଶ୍ୱାସ ଅବିଶ୍ୱାସର ଦୋଛକିରେ ଠିଆ କରାଇଥାଏ । ଏହି କ୍ଷେତ୍ରରେ ଉପଯୁକ୍ତ ଅନୁସନ୍ଧାନ ମୂଳକ ସାକ୍ଷାତ୍‌କାରକୁ ମଧ ଅସାଧାରଣ ବା ବିଶେଷ ସାକ୍ଷାତ୍‌କାର ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରେ ।

୯) **ଫୋନ ସାକ୍ଷାତ୍‌କାର :** ଅନେକ ସମୟରେ ଯଦି ମୁହାଁମୁହିଁ ବା ପ୍ରତ୍ୟକ୍ଷ କରାଯାଇ ନ ପାରିଲା ତାହେଲେ କୌଣସି ବିଶେଷଜ୍ଞଙ୍କ ମତ ମନ୍ତବ୍ୟ ଜଣିବାପାଇଁ ଟେଲିଫୋନ ମାଧମରେ ଯୋଗାଯୋଗ କରାଯାଇ ପରାମର୍ଶ ନିଆଯାଇପାରେ ।

୧୦) **ସୌଜନ୍ୟମୂଳକ ସାକ୍ଷାତ୍‌କାର :** ସାମାଜିକ ଜୀବନରେ ଅନେକ ସମୟରେ ସୌଜନ୍ୟମୂଳକ ସାକ୍ଷାତ୍‌କାର ନିଆଯାଇଥାଏ । ପଦସ୍ଥ କର୍ମଚାରୀ କୌଣସି କର୍ମ କ୍ଷେତ୍ରରେ ନୂତନଭାବେ ଯୋଗଦେଲେ ସେହି ବ୍ୟକ୍ତି ବିଶେଷଙ୍କର ସୌଜନ୍ୟମୂଳକ ସାକ୍ଷାତ୍‌କାର ନିଆଯାଇ ତାଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରାଯାଏ । କେତେକ କ୍ଷେତ୍ରରେ ରାଜ୍ୟ, ଜାତୀୟ ବା ଆର୍ନ୍ତଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବିଭିନ୍ନ ପ୍ରତିଭାବନ୍ତ

ବ୍ୟକ୍ତିମାନଙ୍କୁ କେବଳ ଉତ୍ସାହିତ କରିବାପାଇଁ କରାଯାଉଥିବା ସାକ୍ଷାତ୍‌କାର, ଅନେକ ବର୍ଷ ବିଦେଶ ରହଣି ପାରେ ବିଦେଶ ଫେରନ୍ତା ବ୍ୟକ୍ତି ବିଶେଷଙ୍କୁ ଭେଟିବା, ନିଜରବନ୍ଧୁ ବା ସଂପର୍କୀୟମାନଙ୍କୁ ଦୀର୍ଘ ବ୍ୟବଧାନ ପରେ ଦେଖା ପ୍ରଭୃତି ହେଉଛି । ସୌଜନ୍ୟମୂଳକ ସାକ୍ଷାତ୍‌କାରର କେତୋଟି ଦୃଷ୍ଟାନ୍ତ ।

ପ୍ରତିଷ୍ଠାବନ୍ତ ବ୍ୟକ୍ତିବିଶେଷଙ୍କର ସାକ୍ଷାତ୍‌କାର ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିଯାଇଥାଏ । ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ଆଧୁନିକ ଗଣଯୋଗାଯୋଗରେ ଏହା ଏକ ଆଖିଦୃଶିଆ ଅଙ୍ଗ । ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତିବିଶେଷଙ୍କର ଯୁକ୍ତିନିଷ୍ଠ ବକ୍ତବ୍ୟ, ମତମନ୍ତବ୍ୟ ଭିତରେ ସମାଜର ବାସ୍ତବଚିତ୍ର ଫୁଟିଉଠିବା ସହିତ ତାହା ଏକ ଇତିହାସୀକରଣର ସ୍ୱରୂପ ନେଇଥାଏ । ଏକ ସ୍ୱଚ୍ଛ ଓ ନିଷ୍କପଟ ସାକ୍ଷାତ୍‌କାର ମାଧ୍ୟମରେ ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତିବିଶେଷଙ୍କର ମନ୍ତବ୍ୟରୁ ଜନସାଧାରଣ ଆଦର୍ଶ, ପ୍ରେରଣା ଓ ତଥା ବାସ୍ତବତାର ମାର୍ଗ ହୋଇଥାଏ । ଯଥାର୍ଥରେ ସାକ୍ଷାତ୍‌କାର ଯେ ସାମାଜିକ, ସାଂସ୍କୃତିକ ତଥା ବ୍ୟକ୍ତିଗତ ଯୋଗାଯୋଗ କ୍ଷେତ୍ରରେ ବିଶେଷଭୂମିକା ନିର୍ବାହ କରେ ତାହା ସହଜରେ କୁହାଯାଇପାରିବ ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ସାକ୍ଷାତ୍‌କାର ଆବଶ୍ୟକତା କ'ଣ ?

(ଖ) ସାକ୍ଷାତ୍‌କାର ନେବା ପୂର୍ବରୁ କିପରି ପ୍ରସ୍ତୁତ ହେବା ?

(ଗ) ସାକ୍ଷାତ୍‌କାରର ବିଭିନ୍ନ ମାଧ୍ୟମ ଓ ତା'ର ପ୍ରୟୋଗଶୈଳୀ ଆଲୋଚନା କର ।

(ଘ) ସାକ୍ଷାତ୍‌କାର ନେବା ସମୟରେ କେଉଁ କେଉଁ ଦିଗ ପ୍ରତିଧ୍ୟାନ ଦେବା ।

(ଙ) ସାକ୍ଷାତ୍‌କାରର ପ୍ରକାରଭେଦ ଦର୍ଶାଅ ।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ବୃତ୍ତିଗତ ସାକ୍ଷାତ୍‌କାର କ'ଣ ?

(ଖ) ବୃତ୍ତିଗତ ସାକ୍ଷାତ୍‌କାରର ପ୍ରସ୍ତୁତି ଭାଗରେ ଆଲୋଚନା କର ।

(ଗ) ପରୋକ୍ଷ ଓ ପ୍ରତ୍ୟକ୍ଷ ସାକ୍ଷାତ୍‌କାର ମଧ୍ୟରେ ପ୍ରଭେଦ ଦର୍ଶାଅ ।

(ଘ) ସାରସ୍ୱତ ସାକ୍ଷାତ୍‌କାର କହିଲେ କ'ଣ ବୁଝ ?

(ଙ) ନିଜ ଅଞ୍ଚଳର ନିର୍ବାଚତ ପ୍ରତିନିଧିଙ୍କ ସାକ୍ଷାତ୍‌କାର ନିଅ । ତୁମ ଅଞ୍ଚଳର ସମସ୍ୟା ଓ ଏହାର ସମାଧାନ ପାଇଁ ତାଙ୍କର ଯୋଜନା ସଂପର୍କରେ ପଚାରିବୁଝ ।

## ୧.୮ ସହାୟକ ଗ୍ରନ୍ଥସୂଚୀ


- ଯୋଗାଯୋଗର ଭାଷା – ସଂବିତ ମିଶ୍ର, କଲ୍ୟାଣୀ ପବ୍ଲିସର୍ଶ
- ସଂଯୋଗ ଅନୁବିଧିତ – ସନ୍ତୋଷ ତ୍ରୀପାଠୀ, ବିନେଦ ବିହାରୀ, କଟକ

# ଦ୍ୱିତୀୟ : ଭାଷଣ କଳା

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ବିଷୟ ପରିଚୟ
୨.୩ ଭାଷଣକଳାର ପରିସର ଓ ଉପଯୋଗିତା
    ୨.୩.୧ ପାଶ୍ଚାତ୍ୟ ଦୃଷ୍ଟିରେ ଭାଷଣକଳା
    ୨.୩.୨ ପ୍ରାଚ୍ୟ ବିଚାରରେ ଭାଷଣକଳା
    ୨.୩.୩ ଭାଷଣର ବୈଶିଷ୍ଟ୍ୟ
୨.୪ ଭାଷଣକଳାର ପ୍ରକାରଭେଦ
୨.୫ ଭାଷଣକଳାର ପ୍ରସ୍ତୁତି
୨.୬ ଭାଷଣ କୌଶଳର ପ୍ରାସଙ୍ଗିକତା
୨.୭ ଭାଷଣ ନମୁନା – ୧
୨.୮ ଭାଷଣ ନମୁନା –୨
୨.୯ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୨.୧୦ ସହାୟକ ଗ୍ରନ୍ଥାବଳୀ

## ୨.୧ ପଠନର ଉଦ୍ଦେଶ୍ୟ

କହିଜାଣିବା କଳାଟି ହେଉଛି କଥନକଳା, ଯିଏ ଯେତେ ନିଜକୁ ଅନ୍ୟ ପାଖରେ ମୁକ୍ତଭାବେ ଖୋଲାଖୋଲି କହିପାରିଲା ଓ ନିଜର ଭାବନାକୁ ବ୍ୟକ୍ତ କରିପାରିଲା, ସେ ସେତିକି ପରିମାଣରେ ଚିନ୍ତାମୁକ୍ତ ଜୀବନ ନିର୍ବାହ କରିପାରେ। କଥନଭଙ୍ଗୀ ହିଁ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରକାଶ କରେ। ସରଳ ଓ ସୁନ୍ଦର ଭାବେ ନିଜର ଭାବକୁ ଅନ୍ୟ ପାଖରେ କହିପାରିଲେ କଥକ ମଧୁର ଓ ଶ୍ରଦ୍ଧାଳୁ ପାତ୍ର ହୋଇପାରିଥାଏ। କଥନ ଶୈଳୀ ବା ଭାଷଣ କୌଶଳ ଭାଷାର ବ୍ୟବହାର ବା ପ୍ରୟୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଏହି ବିଷୟ ଅଧ୍ୟୟନ କଲେ ଭଲ ବକ୍ତା, ଦକ୍ଷ ଆଲୋଚକ ବା ବିଷୟ ବିଶାରଦ ହୋଇପାରିବ। କଥା କହିବା ବେଳେ କିଭଳି ଦକ୍ଷତା ଓ ସାମର୍ଥ୍ୟର ବିନିଯୋଗ ହୋଇପାରିବ ତାହା ଏହି ବିଷୟରୁ ଜାଣିବାକୁ ମିଳିବ। କେବଳ ସେତିକି ନୁହେଁ ନିଜକୁ ଅନ୍ୟ ଆଗରେ କିଭଳି ସୁନ୍ଦରଭାବେ ଉପସ୍ଥାପନ କରାଯିବ ସେଦିଗରେ ମଧ୍ୟ ଏହି ବିଷୟ ସହାୟକ ହେବ।

## ୨.୨ ବିଷୟ ପରିଚୟ

ସଂଗୀତ ଗାନ କରିବା, କବିତା ଆବୃତି କରିବା ଭଳି କଥା କହିବା ମଧ୍ୟ ଏକ ପ୍ରକାରର କଳା। ଅତୀତର ଗ୍ରାମୀଣ ଆବାଳ ବୃଦ୍ଧବନିତା ଥିଲେ ଗଳ୍ପସାଗରମାନଙ୍କର ଚଟୁଳ ବଚନ ଭଙ୍ଗିମାର ଯୁଗ୍ମ ଗ୍ରାହକ। ଅନର୍ଗଳ ଘଣ୍ଟା ଘଣ୍ଟା ଧରି କଥନ ଭଙ୍ଗୀର ବୈଚିତ୍ର୍ୟ ହେତୁ ଏମାନେ ସାଧାରଣ ଶ୍ରୋତାଙ୍କୁ ଘଣ୍ଟା ଘଣ୍ଟା ଧରି ବିମୁଗ୍ଧ କରି ରଖି ପାରୁଥିଲେ। ଗ୍ରାମ୍ୟ ଗଳ୍ପସାଗର ମାନଙ୍କର କଥନକଳା, ଆଧୁନିକ ଜଗତରେ ଶିକ୍ଷିତ ବର୍ଗଙ୍କର ଭାଷଣ କଳାରେ ପରିଣତ ହୋଇଛି। ଚଳନ୍ତି ସମୟରେ ଭାଷଣ ମାଧ୍ୟମରେ ଜଣେ ଜଣେ ବକ୍ତା ଏକ ସମୟରେ ହଜାର ହଜାର ଶ୍ରୋତାଙ୍କୁ ଘଣ୍ଟା ଘଣ୍ଟା ଧରି ବାନ୍ଧି ରଖିପାରୁଛନ୍ତି।

କୋମଳ ବିନୟ ବଚନ କହି ତୋଷିବ ପ୍ରାଣୀମନ। ସତ୍ୟ ଓ ପ୍ରିୟବଚନ ସର୍ବଦା ସମସ୍ତଙ୍କ ହୃଦୟକୁ ମୁଗ୍ଧ କରିଥାଏ। ଲୋକ ତୁଣ୍ଡରେ ରହିଛି 'ଖା ଗୁଞ୍ଜି ଗିଳ' ଭଳି ବକ୍ତବ୍ୟ। ଜଣେ ବୁଭୁକ୍ଷୁଙ୍କୁ 'ଗିଳ' କହିଲେ ତାଙ୍କର ସମ୍ମାନ ହାନି ହୋଇଥାଏ। ମାତ୍ର ସେଇ ସ୍ଥଳରେ 'ଖାଅ' ବୋଲି କହିଲେ ତାଙ୍କ ପ୍ରତି ସମ୍ମାନ ପ୍ରକାଶିତ ହୋଇଥାଏ। ସେଇ ଗୋଟିଏ ତୁଣ୍ଡର ବଚନରେ ଅମୃତ ଓ ବିଷୟ ଉଭୟ ରହିଛି। ଅପ୍ରିତିକର ବଚନ ବିନ୍ୟାସ ବିଷୟମ ପରିସ୍ଥିତି ସୃଷ୍ଟି କରିପାରେ। ମାତ୍ର ନମ୍ର ଓ କୋମଳ ବଚନ ସମସ୍ତଙ୍କୁ ଆପଣାର କରିପାରେ।

ଆମେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ କେତେ ଜାଣୁ ଆମର ଆମର ସେଥିରେ କେତେବେଶି ପ୍ରବେଶ ଅଛି। ସେହି କଥାକୁ ଆମେ କେମିତି ଭାବରେ ଉପସ୍ଥାପନ କରିପାରୁ କଥାର ବିସ୍ତାର ବା କଥାଟିକୁ ଜାଣିବାରେ ଆମେ କେମିତି ଶବ୍ଦ ଚୟନ ଓ ଶବ୍ଦ ସଂଯୋଜନା କରିବା କଥା ସେତକ ଆମେ ବିଧିବଦ୍ଧ ଭାବେ ଅବଗତ ହୋଇପାରିଲେ ଆମର ନିଜର ଉପରେ ବିଶ୍ୱାସ ବଢ଼ିବା ସହ ଆମେ ଭଲବକ୍ତା, ଭଲ ଆଲୋଚକ ବା ବିଷୟ ବିଶାରଦ ହୋଇପାରିବା।

ଆମେ ଯୋଉକଥା କହୁ, ସେହି କଥା ଯଦି ସଜଡ଼ା ବା ଶୃଙ୍ଖଳିତ ହୋଇଥାଏ ତେବେ ସେସବୁକଥା ଆହୁରି ମନଛୁଆଁ ହୋଇପାରେ। କଥା କହିବାର ଭଙ୍ଗିଳ କଥା କହିବାର ଶୈଳୀ ସବୁବେଳେ ଏମିତି ହେବା ଦରକାର ଯେମିତିକି ଅନ୍ୟକୁ ପସନ୍ଦ ହେବ। ବିତର୍କ ହେଉକି ବକ୍ତୃତା, ଦଳଗତ ଆଲୋଚନା ହେଉକି ସାକ୍ଷାତ୍‌କାର ସବୁଥିରେ କଥନ କୌଶଳର ନିଆରାଶୈଳୀ ନିହିତ। ନିଜକୁ ଅନ୍ୟ ଆଗରେ ସୁନ୍ଦର ଭାବେ ଉପସ୍ଥାପନ କରିବାପାଇଁ ଏହିସବୁ ମାଧ୍ୟମସହାୟକ ହୋଇଥାଏ। କହିବାର ଭଙ୍ଗୀଟି ଯଦି ନିଆରା, ଉପସ୍ଥାପନ ଶୈଳୀଟି ଯଦି ସ୍ୱତନ୍ତ୍ର, କଥା କହିବାବେଳେ ଯୁକ୍ତି ବା ତଥ୍ୟଟି ଯଦି ଯୁକ୍ତିଯୁକ୍ତ ବା ଗ୍ରହଣ ଯୋଗ୍ୟ ତେବେ ତାହା ନିଶ୍ଚିତ ଭାବରେ ଅନ୍ୟର ଦୃଷ୍ଟି ଆକର୍ଷଣ କରିଥାଏ। ଭାଷଣକଳାରୁ ଜଣକର ବ୍ୟକ୍ତିତ୍ୱ ବିଷୟରେ ବୁଝିହୁଏ, କାରଣ ଭାଷଣକଳା ଅନେକ ସମୟରେ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ପ୍ରମୁଖ ମାଧ୍ୟମଭାବେ ଉଭା ହୋଇଆସିଛି।

ହୃଦୟ ଭିତରେ ଯାହା ରହିଥାଏ ତାହା ତୁଣ୍ଡ ମାଧ୍ୟମରେ ପ୍ରକାଶ ପାଇଥାଏ। ତେଣୁ କଥନ ହେଉଛି ହୃଦୟର ଅଭିବ୍ୟକ୍ତି। ମଣିଷର ମାନସିକ ସ୍ଥିତି ସବୁବେଳେ ଠିକ ନ ଥାଏ କେତେବେଳେ ଖୁସି ରହେ ତ କେତେବେଳେ ବିଷାଦଗ୍ରସ୍ତ, ପୁଣି କେତେବେଳେ କାହା ପ୍ରତି ଘୃଣା ଭାବ ମଧ୍ୟ ପ୍ରକାଶ ପାଇଥାଏ। ତେବେ ହୃଦୟରେ ବସା ବାନ୍ଧି ରହିଥିବା ଏହି ସବୁ ଭାବନା ତୁଣ୍ଡରେ ପ୍ରକାଶ ପାଇଥାଏ।

## ୨.୩ ଭାଷଣକଳାର ପରିସର ଓ ଉପଯୋଗିତା

ଅସମ୍ପୂର୍ଣ୍ଣ ବାକ୍ୟ ବିନ୍ୟାସ ମାଧ୍ୟମରେ ନିଜସ୍ୱ କଥନକୁ ପ୍ରକାଶକଲେ ତାହା ଅନ୍ୟମାନଙ୍କ ନିକଟରେ ଗ୍ରହଣୀୟ ବା ବୋଧଗମ୍ୟ ହେବା ପରିବର୍ତ୍ତେ ବିରକ୍ତିକର ହୋଇଥାଏ। କଥାରେ ଅଛି "ବାନ୍ଧି ଜାଣିଲେ ମଥା ସୁନ୍ଦର, କହି ଜାଣିଲେ କଥା ସୁନ୍ଦର।" କହି ଜାଣିଲେ ଅନ୍ୟର ମନକୁ ବାନ୍ଧି ରଖିବା ସହିତ ବକ୍ତା ଜଣକ ନିଜର କହିବାର ଉଦ୍ଦେଶ୍ୟ ସଫଳ କରିଥାଏ। ଭାଙ୍ଗି ପଡୁଥିବା ମନକୁ ପୁନଃ ଗଢ଼ିତୋଳିବାରେ ଭାଷଣ ହିଁ ସଂଜିବନୀ ସଦୃଶ୍ୟ କାର୍ଯ୍ୟ କରିଥାଏ। ଯଦି କହିବା ବାକ୍ ଚାତୁରୀ ଦ୍ୱାରା ସମୂହ ସ୍ୱାର୍ଥର ଉଦ୍ଦେଶ୍ୟକୁ ସଫଳ କରିବାର କଳା ହେଉଛି ବାଗ୍ମିତା ବା ଭାଷଣ ଦକ୍ଷତା। ଏହି କଳା ଦ୍ୱାରା ବକ୍ତା ଜଣକ ସମସ୍ତଙ୍କ ହୃଦୟରେ ନିଜର ଆଧିପତ୍ୟ ବିସ୍ତାର କରିପାରିଥାନ୍ତି। ତେବେ ଭାଷଣକଳାର ଯଥେଷ୍ଟ ଉପଯୋଗିତା ପରିଲକ୍ଷିତ ହୋଇଥାଏ ଯଥା -

କ) ଭାଙ୍ଗି ପଡ଼ିଥିବା ମନକୁ ପୁର୍ନଜୀବିତ କରିଥାଏ ଭାଷଣ

ଖ) ଭାଷଣ ଶ୍ରବଣ ଦ୍ୱାରା ବ୍ୟକ୍ତିର ମାନସିକ ପରିବର୍ତ୍ତନ ଘଟିଥାଏ

ଗ) ଅଶିକ୍ଷା ଭଳି ଅନ୍ଧକାରକୁ ଦୂରେଇ ଦେଇ ଏକ ଶୈକ୍ଷିକ ବାତାବରଣର ପ୍ରକାଶ ସୃଷ୍ଟି କରିଥାଏ ଭାଷଣ

ଘ) ଏକ ସୁସ୍ଥ ଓ ସଂସ୍କାରିତ ସମାଜ ଗଠନ କରିବାରେ ଭାଷଣ ବିଶେଷ ଭୂମିକା ଗ୍ରହଣ କରିଥାଏ।

ଙ) ଭାଷଣ ଦ୍ୱାରା ବକ୍ତା ଜଣକ ଅନ୍ୟମାନଙ୍କ ଠାରୁ ସମ୍ମାନୀତ ହୋଇଥାନ୍ତି।

ଚ) କୌଣସି ଏକ ଜାତିର ଅଧଃପତନ ବେଳେ ତାକୁ ପୁର୍ନଉଦ୍ଧାର କରିବାରେ ଭାଷଣ କାର୍ଯ୍ୟ କରିଥାଏ।

ଛ) ମହତ କଥନ ବ୍ୟକ୍ତିକୁ ନିଛତାରୁ ଉଚ୍ଚତାକୁ ପରିଣତ କରିଥାଏ ଓ ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ କରିବାରେ ସହାୟକ ହୋଇଥାଏ।

ଜ) ଜାତି ଭିତରେ ଗୋଟିଏ ଦୃଢ ବନ୍ଧନ ସୃଷ୍ଟି କରିବାରେ ଭାଷଣର ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ।

ଝ) ବ୍ୟକ୍ତିଗତ ଉନ୍ନତି ପାଇଁ ଭାଷଣ ଯେମିତି ଦିଗ୍‌ଦର୍ଶନ ଦେଇଥାଏ, ଜାତିଗତ ଜଡତାକୁ ସମୂଳେ ବିନାଶ କରି ଜାତିକୁ ଏକ ନୂଆ ରୂପ ପ୍ରଦାନ କରେ ଭାଷଣ।

ଞ) ଜ୍ଞାନର ପରିସୀମାକୁ ଭାଷଣ ବୃହତ୍ତର କରି ଜନସାଧାରଣଙ୍କ ମଧ୍ୟରେ ଏକ ସୁଦୃଢ଼ ସଂପର୍କ ସ୍ଥାପନ କରେ।

ଚ) ମଣିଷ ଭିତରେ ଜଡ଼ତା, ଆଳସ୍ୟ, ସୁପ୍ତତା ଓ ନିଷ୍କ୍ରିୟତାକୁ ଭାଷଣ କରିଥାଏ କ୍ରିୟଶୀଳ।

### ୨.୩.୧ ପାଶ୍ଚାତ୍ୟ ଦୃଷ୍ଟିରେ ଭାଷଣକଳା

କଥନ ସାହିତ୍ୟ ଓ ଲିଖନ ସାହିତ୍ୟ ଭାବାରେ ସାହିତ୍ୟ ଦ୍ୱିବିଧ। ଶିକ୍ଷା ବ୍ୟବସ୍ଥାରେ ଲିଖନର ଯେଭଳି ମହତ୍ୱ ରହିଛି କଥନ ବା ଭାଷଣର ମଧ୍ୟ ବିଶେଷ ଗୁରୁତ୍ୱ ରହିଛି। ବିଶ୍ୱର ଅନେକ ବିଜ୍ଞଲୋକ, ସାଧୁସନ୍ଥ, ରାଜନେତା, କଳାକାର ପ୍ରଭୃତିଙ୍କର ଭାଷଣ ଜନମାନସକୁ ବିଶେଷ ଭାବରେ ପ୍ରଭାବିତ କରି ଆସିଛି। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ଅନ୍ୟମାନଙ୍କ ବିଚାରଧାରା ଭାଷଣ ଦ୍ୱାରା ପହଞ୍ଚି ପାରିଥାଏ। ଶିକ୍ଷିତ ହେଉ ବା

ଅଶିକ୍ଷିତ ହେଉ ପ୍ରତ୍ୟେକଙ୍କୁ ଏକ ନୂଆ ବିଚାରଧାରା ଓ ସଦ୍‌ମାର୍ଗ ଯୋଗାଇଦେଇଥାଏ। ଭାଷଣ ସମ୍ବନ୍ଧରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦାର୍ଶନିକମାନେ ନିଜ ନିଜ ବିଚାରକୁ ଉପସ୍ଥାପନ କରିଛନ୍ତି। ଗ୍ରୀସ ଦାର୍ଶନିକ ପ୍ଲାଟୋ ଭାଷଣକୁ ମୁଗ୍ଧକର କଳା ଭାବେ ବିବେଚନା କରିଛନ୍ତି। ତାଙ୍କ ମତରେ – ଫବହୁଜନଙ୍କ ମାନସକୁ ସୁହାଇଲା ଭଳି କଥନ ଚାତୁରୀ ଜଣେ ଭଲ ବକ୍ତାର ଲକ୍ଷଣ।' ସେହି ପରି ଅନ୍ୟତମ ଦାର୍ଶନିକ ଆରିଷ୍ଟୋଟଲଙ୍କ ମତରେ ଭାଷଣ ହେଉଛି ତର୍କକତା ଓ ଯୁକ୍ତିନିଷ୍ଠ। ଏହା ସହିତ ଭାବୁକତା, ଜ୍ଞାନ ଓ ଦର୍ଶନର ମଧ୍ୟ ଅନୁପ୍ରବେଶ ଘଟିଛି। ରୋମୀଓ ସଂସ୍କୃତିରେ ଭାଷଣକୁ ଶାସ୍ତ୍ରୀୟକଳାର ମାନ୍ୟତା ପ୍ରଦାନ କରାଯାଇଛି। ଏହା ଜନଜୀବନକୁ ସତ୍ୟନିଷ୍ଠ କରିବା ସଙ୍ଗେ ସଙ୍ଗେ ସତ୍‌ମାର୍ଗ ପ୍ରେରଣ କରିବାରେ ସହାୟକ ହୋଇଥାଏ ବୋଲି ରୋମୀୟମାନେ ବିଚାର କରିଥାନ୍ତି। ଦାର୍ଶନିକ ହୋରେସଙ୍କ ମତରେ –ଫଭାଷଣ ଜନସାଧାରଣଙ୍କ ଜୀବନକୁ ବିଶେଷ ଭାବେ ପ୍ରଭାବିତ କରେ।' ପରବର୍ତ୍ତୀ ସମୟରେ ଫ୍ରାନ୍ସ ରୋମ୍, ସ୍ପେନ୍ ଭାଷଣ ସହିତ ମନୋରଞ୍ଜନକୁ ସଂଯୁକ୍ତ କଲେ। ଭାଷଣକୁ ଅଧିକ ଲୋକପ୍ରିୟ ଗଣିତୋଳିବାରେ ଭାଷକମାନେ ହାସ୍ୟରସ, ଲୋକକଥା, ସଙ୍ଗୀତ ପ୍ରଭୃତିକୁ ମିଶ୍ରଣ କରିଛନ୍ତି ଏହା ସହିତ ଆଧ୍ୟାତ୍ମିକ ଆଖ୍ୟାନକୁ ଯୋଡ଼ି ଭାଷଣକୁ ଆହୁରି ପ୍ରଭାବଶାଳୀ କରାଯାଇଛି। ପ୍ରଖ୍ୟାତ ସମାଜତତ୍ତ୍ୱବିତ୍ ସିଶରୋ ଇଞ୍ଜାଇନ୍‌ଙ୍କ ମତରେ ମାର୍ଜିତ ଓ ହୃଦୟସ୍ପର୍ଶୀ ଭାଷଣ ସମାଜକୁ ସତ୍‌ମାର୍ଗଦର୍ଶନ ଦେଇଥାଏ। ମାନବର ଚିନ୍ତାଚେତନାକୁ ସୁସ୍ଥ ରଖେ। ଏମାନଙ୍କ ମତରେ ଭାଷଣ ଗଠନାତ୍ମକ ମାନସିକତା ପରିଚୟ ପ୍ରଦାନ କରିଥାଏ।

ଷଷ୍ଠ ଶତାବ୍ଦୀବେଳକୁ ଖ୍ରୀଷ୍ଟୀୟ ଧର୍ମର ଚିନ୍ତନ ବିଶେଷ ଭାବେ ପ୍ରଭାବିତ କରିଥିଲା। ଭାଷଣକୁ ସରଳୀକୃତ ତଥା ବୋଧଗମ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କିଛି ବର୍ଷପରେ ଇଂଲଣ୍ଡ, ଫ୍ରାନ୍ସ, ଇଟାଲୀ ପ୍ରଭୃତିରେ ଭାଷଣ ଶିକ୍ଷାର ପରିସରଭୁକ୍ତ ହୋଇଛି। ତେଣୁ ତାର୍କିକ ବିଚାରକୁ ଏହି ସମୟର ଭାଷଣକଳା ଅଧିକ ଗ୍ରହଣ କରିଥିବା ଜଣାଯାଏ। ବକ୍ତବ୍ୟ ମାଧ୍ୟମରେ ନିଜର ଯୁକ୍ତିକୁ ସଠିକ୍ ଭାବରେ ଉପସ୍ଥାପନ କରିବା ହେଉଛି ଭାଷଣ କଳାର ମୁଖ୍ୟ ବିଶେଷତ୍ୱ। ପାଶ୍ଚାତ୍ୟ ଭୂଖଣ୍ଡରେ ଷୋଡ଼ଶ ଶତାବ୍ଦୀ ବେଳକୁ କଥନ କଳାକୁ ସୃଜନଶୀଳ କଳାର ମାନ୍ୟତା ପ୍ରଦାନ କରାଯାଇଛି। ସମାଜତାତ୍ତ୍ୱିକ ଶିକ୍ଷାର ପ୍ରସାର ନିମନ୍ତେ ବିଶେଷ ଦାୟିତ୍ୱ ବହନ କରେ ଭାଷଣ କଳା। ଏହି ସମୟରେ ଭାଷଣ ମନୋରଞ୍ଜନ ଧର୍ମୀତା ଅପେକ୍ଷା ଜ୍ଞାନ ଓ ବିଜ୍ଞାନବୋଧ ଉପରେ ଗୁରୁତ୍ୱ ଦେଇଥାଏ। ଫଳତଃ ଭାଷକ କଳ୍ପନା ଠାରୁ ଦୂରେଇ ଯାଇ କେବଳ ବାସ୍ତବତା ଚିତ୍ର ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଅବଶ୍ୟ ସମାଜରେ ନିଜର ଆଧିପତ୍ୟ ଦାଖଲ କରିଥିବା କେତେକ ବ୍ୟକ୍ତି ବିଶେଷ ଜନସାଧାରଣଙ୍କ ମାନସିକତାକୁ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରୁଥିବାର ଦୃଷ୍ଟିଗୋଚର ହୋଇଥାଏ। ମାତ୍ର ବୌଦ୍ଧିକ କଥନ ଦ୍ୱାରା ଶ୍ରୋତାମାନଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଭଳି କେତେକ କୁପ୍ରବୃତି ଦୂରେଇ ହୋଇ ଯାଇଥାଏ।

ପାଶ୍ଚାତ୍ୟ ଭୂଖଣ୍ଡରେ ଅର୍ଥନୀତି, ରାଜନୀତି, ଶିକ୍ଷା, ଶିଳ୍ପ ପ୍ରଭୃତିର ବିକାଶ ବ୍ୟାପକ ହେଲା। ଆଧ୍ୟାତ୍ମିକ ଓ ଧାର୍ମିକ ରୀତିରେ ଭାଷଣ କେବଳ ବନ୍ଦୀ ନହୋଇ ଏହା ଶିକ୍ଷା, ରାଜନୀତି, କୂଟନୀତି, ବାଣିଜ୍ୟ, ବିଜ୍ଞାନ ପ୍ରଭୃତି ସଫଳ କ୍ଷେତ୍ରରେ ଜନସାଧାରଣଙ୍କ ନିକଟକୁ ପହଞ୍ଚିପାରିଥିଲା। ସମାଜ ଓ ସଂସ୍କୃତିର ସମସ୍ତ ସ୍ତରରେ ଏହାର ପ୍ରାଧାନ୍ୟକୁ ମଧ୍ୟ ସ୍ୱୀକାର କରାଗଲା।

## ୨.୩.୨ ପ୍ରାଚ୍ୟ ବିଚାରରେ ଭାଷଣକଳା

ପ୍ରାଚ୍ୟ ଭୂଖଣ୍ଡରେ ଜନମାନସ ଭାଷଣ ଦ୍ୱାରା ବିଶେଷ ଆଦୃତ ହେଉଥିଲେ । ଭାରତୀୟ ସଂସ୍କୃତିରେ ପୂର୍ବେ ଗୁରୁକୂଳାଶ୍ରମ ମାନଙ୍କରେ ଗୁରୁଙ୍କ ଅସାଧାରଣ କଥନ ସଂପୂର୍ଣ୍ଣ ଛାତ୍ର ସମାଜକୁ ଏକ ନୂଆଁ ଦିଗ୍‌ଦର୍ଶନ ପ୍ରଦାନ କରିଆସିଥିଲା । ନବଜାଗରଣ ପର୍ଯ୍ୟାୟରେ ଜନମାନସର ଚିତ୍ତକୁ ଆନ୍ଦୋଳିତ କରିପାରିଥିଲା ଭାଷଣ । ମୁକ୍ତି ସଂଗ୍ରାମର ପଟ୍ଟଭୂମିରେ ଅନେକ ଦାର୍ଶନିକ, ସଂଗ୍ରାମୀ, ଚିନ୍ତାନାୟକ ଜନତାଙ୍କ ହୃଦୟରେ ଦେଶପ୍ରେମ ଭାବନା ଜାଗୃତ କରିବରେ ସଫଳ ହେଲେ । ଏହି ପରିପ୍ରେକ୍ଷିରେ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଲାଲା ଲଜପତ ରାୟ, ବାଲ ଗଙ୍ଗାଧର ତିଲକ୍, ବିପିନ୍ ଚନ୍ଦ୍ର ପାଲ, ଶ୍ରୀ ଅରବିନ୍ଦ, ରାଜ ଗୋପାଲଚାରୀ, ମହାତ୍ମା ଗାନ୍ଧୀ, ଦୟାନନ୍ଦ, ରବୀନ୍ଦ୍ର ନାଥ ଠାକୁର ପ୍ରମୁଖ ମହାନାୟକଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ।

ପ୍ରାଚ୍ୟ ଭାବଭୂମିରେ ମୌର୍ଯ୍ୟ ଶାସନ କାଳରେ ପଣ୍ଡିତ କୌଟିଲ୍ୟ ଭାଷଣକୁ ଜନକଲ୍ୟାଣ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ । ଗୁପ୍ତ ଯୁଗରେ ମଧ୍ୟ ବିଭିନ୍ନ ସମୟରେ କଥନ କଳା ମାଧ୍ୟମରେ ଅନେକ ତର୍କ ସଭା ଆୟୋଜିତ ହୋଇଥିବାର ପ୍ରମାଣ ମିଳେ । କାଳିଦାସ, ବାଣଭଟ୍ଟ, ବରାହ ମିହିର, ଭବଭୂତି ପ୍ରମୂଖଙ୍କ ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । କଥନ କଳା ମାଧ୍ୟମରେ ଧର୍ମ ପ୍ରଚାର ଓ ପ୍ରସାର ଥିଲା ପ୍ରାଚୀନ ଭାରତୀୟ ପରଂପରାର ଏକ ନୂଆଁ ଉତ୍ସ । ପରବର୍ତ୍ତୀକାଳରେ ସମାଜରେ ଅଶିକ୍ଷାକୁ ମୂଳପୋଛ କରି ଏକ ସୁସ୍ଥ ଓ ଶିକ୍ଷିତ ସମାଜ ଗଠନ କରିବା ପାଇଁ ଅନେକ ଜ୍ଞାନୀଗୁଣୀ ବିଦ୍ୱାନମାନେ ସଭାସମିତିର ଆୟୋଜନ କଲେ । ଧର୍ମ, ସଂସ୍କୃତି, ପରଂପରାକୁ ନେଇ ଭିନ୍ନ ଭିନ୍ନ ବିଷୟର ଆଲୋଚନା ପର୍ଯ୍ୟାଲୋଚନା ଦେଖିବାକୁ ମିଳିଲା । ଶିକ୍ଷାନୁଷ୍ଠାନ ମାନଙ୍କରେ ବିଭିନ୍ନ ପ୍ରତିଯୋଗୀତା, ଉତ୍ସବ ପାଳନ ଅବସରରେ ସମାଜର ଅନେକ ବିଦ୍ୱାନମାନଙ୍କୁ ନେଇ ବୌଦ୍ଧିକ ଭାଷଣ ଆରମ୍ଭ ହେଲା । ପୁନଶ୍ଚ ବିଭିନ୍ନ ଧର୍ମାନୁଷ୍ଠାନ ଗୁଡ଼ିକରେ ଧର୍ମ ବିଷୟ ଉପରେ ଧର୍ମ ଯାଜକ ମାନଙ୍କୁ ନେଇ ଭାଷଣମାନ ଆୟୋଜିତ ହେଲା ।। ଭାରତ ସ୍ୱାଧୀନତା ପରେ ରାଜନୀତି, ଶିକ୍ଷାନୁଷ୍ଠାନ ଆଦି ଅନୁଷ୍ଠାନ ମାନଙ୍କରେ ମଧ୍ୟ ଭାଷଣମାନ ଆୟୋଜିତ କରାଗଲା ।

ଓଡ଼ିଶାରେ ଜନସାଧାରଣଙ୍କୁ ପ୍ରଭାବିତ କରିବାପାଇଁ ବିଭିନ୍ନ ମଞ୍ଚମାନ ପ୍ରସ୍ତୁତ କରାଯାଇ ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଗଲା । ନିର୍ବାଚନୀ ସଭା, ବିଭିନ୍ନ କର୍ମୀ ସମ୍ମିଳନୀ ମାଧ୍ୟମରେ ସେହି ବିଷୟକ ଭାଷଣମାନ ଆୟୋଜିତ ହେଲା । ଶ୍ରୋତାମାନଙ୍କୁ ବାନ୍ଧିରଖିବା ପାଇଁ ଅନେକ ସମୟରେ ସମାବେଶ ଅନୁଷ୍ଠିତ କରାଗଲା । ଦିନଥିଲା ଭାଷଣକଳା ଜନକଲ୍ୟାଣ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ମାତ୍ର ବର୍ତ୍ତମାନ ଭାଷଣ ମାଧ୍ୟମରେ କେତେଜଣଙ୍କର ବ୍ୟକ୍ତି ସ୍ୱାର୍ଥ ନିହିତ ରହୁଛି ଏବଂ ଅଯଥାରେ ସମୟର ଅପଚୟ କରାଯାଉଛି ।

## ୨.୩.୩ ଭାଷଣର ବୈଶିଷ୍ଟ୍ୟ

ଭାଷଣ ଦ୍ୱାରା ଅନେକ ଲୋକଙ୍କୁ ଆୟତ୍ତ କରାଯାଇପାରେ । ତାହା ବକ୍ତାର ବାଚନିକ ଦକ୍ଷତା ଉପରେ ନିର୍ଭରଶୀଳ । ବିଷୟ ଯେତେ ସୁନ୍ଦର ଓ ବଳିଷ୍ଠ ହେଉନା କାହିଁକି ବକ୍ତାର କହିବାଶୈଳୀ ଯଦି ସଠିକ୍ ନହେଲା ତେବେ ବୋଧଗମ୍ୟତା ହରାଇବା ସୁନିଶ୍ଚିତ । ପୁଣି ଅଯଥା ଏତୁତେଣୁ କହିଲେ ଶ୍ରୋତାର ଚିତ୍ତକୁ ବିନୋଦନ

କରିବା ପରିବର୍ତ୍ତେ ବିରକ୍ତିକର କରିଥାଏ। ଅତଏବ ଶ୍ରୋତାଙ୍କ ଚିତ୍ତକୁ ଆଚ୍ଛନ୍ନ କରିବା ଭଳି ଶୈଳୀ ଭାଷକ ବା ବକ୍ତାଙ୍କର ରହିବା ଆବଶ୍ୟକ। କେତେକ ଉପାଦାନ ରହିଛି ଯାହାଦ୍ୱାରା ଜଣେ ବକ୍ତାର ଭାଷଣକୁ ସର୍ବାଙ୍ଗ ସୁନ୍ଦର ଓ ଚିତ୍ତଗ୍ରାହ୍ୟ କରିପାରେ। ଏଠାରେ ତାହାର କିଛି ଧାରଣା ପ୍ରଦାନ କରାଯାଇଛି। ଯଥା –

୧) ପାଣ୍ଡିତ୍ୟବୋଧ

୨) କହିବାଶୈଳୀ

୩) ସୌଜନ୍ୟ ଉପସ୍ଥାପନା

୪) ସମୟ ସଚେତନତା

୫) ସ୍ୱଷ୍ଟ କଥନ

୬) ସଂବୋଧନ

୭) ନାଟକୀୟ ଶୈଳୀ

୮) ରକ୍ତବ୍ୟରେ ରସିକତା

୯) ବିଷୟ ବ୍ୟାଖ୍ୟାନ

୧୦) ଭାଷାର ବ୍ୟବହାର

**(୧) ପାଣ୍ଡିତ୍ୟ :** ବକ୍ତାର ଯଦି ପାଣ୍ଡିତ୍ୟ ନଥାଏ ନାହିଁ ଯେତେ କହିଲେ ମଧ୍ୟ ତାହା ଶ୍ରୋତାଙ୍କୁ ଆକୃଷ୍ଟ କରିପାରେ ନାହିଁ। ବିଷୟ ପ୍ରତି ଅଧିକ ଅଭିଜ୍ଞତା ଥିଲେ ମଧ୍ୟ ତାକୁ ଉଚିତ୍ ଢ଼ଙ୍ଗରେ ପ୍ରକାଶ କରି ନାପାରିଲେ ଭାଷଣର ମର୍ଯାଦା ରହେ ନାହିଁ। ତେବେ ସର୍ବପ୍ରଥମେ ଗଭୀର ପଠନ ପରେ ବିଷୟ ପ୍ରକରଣ ଉପରେ ଜ୍ଞାନ ଅହରଣ କରିବା ପରେ ଜ୍ଞାନକୁ ଉଚିତ୍ ଶୈଳୀରେ ପ୍ରକାଶ କରିପାରିଲେ ଭାଷଣର ମର୍ଯ୍ୟାଦା ବୃଦ୍ଧିପାଏ।

**(୨) କହିବା ଶୈଳୀ :** କହିବା ଶୈଳୀ ହେଉଛି ବାଗ୍ମିତା, ଯାହାଦ୍ୱାରା ସମସ୍ତଙ୍କୁ ଆକୃଷ୍ଟ ରଖାଯାଇପାରେ। ବିଷୟ ପ୍ରତି ଠିକ ଭାବେ ଅବଗତ ହୋଇ ଅନର୍ଗଳ କହିପାରିଲେ ଶ୍ରୋତାମାନେ ଉଲ୍ଲସିତ ହୁଅନ୍ତି। ଯଦି ଅଧାଖଣ୍ଡିଆ, ବ୍ୟବଧାନର ରଖି କଥା କହିଲେ ଶ୍ରୋତାମାନଙ୍କ ଭିତରେ କ୍ଲାନ୍ତିକର ଭାବ ପ୍ରକାଶ କରେ। ସୁନ୍ଦର ବଚନ ଭଙ୍ଗୀ ଶ୍ରୋତା ମାନସକୁ ଆଚ୍ଛନ୍ନ କରେ।

**(୩) ସୌଜନ୍ୟ ଉପସ୍ଥାପନା :** ବକ୍ତା ଏବଂ ଶ୍ରୋତା ଉଭୟଙ୍କ ମଧ୍ୟରେ ଶ୍ରୋତାମାନେ ପ୍ରମୁଖ ଭୂମିକା ନିଅନ୍ତି। ତେଣୁ ବକ୍ତବ୍ୟର ଆରମ୍ଭରୁ ଶ୍ରୋତା ମାନଙ୍କୁ ସଂବୋଧିତ କରିବା ଆବଶ୍ୟକ। କହିବା ସମୟରେ କଥନ ମଧ୍ୟ ଭାଗରେ ବେଳେବେଳେ ଶ୍ରୋତା ମାନଙ୍କୁ ଅତି ନମ୍ର ଓ ଶିଷ୍ଟ ଭାବରେ ଜ୍ଞାନୀଗୁଣୀମାନେ, ସୁଧୀଜନେ ପ୍ରଭୃତି ସଂବୋଧନାତ୍ମକ ଶବ୍ଦ ପ୍ରୟୋଗ କରିବା ଆବଶ୍ୟକ। ଯଦ୍ୱାରା ବକ୍ତା ପ୍ରତି ଶ୍ରୋତାମାନଙ୍କର ଆପଣାର ଭାବ ପ୍ରକାଶ ପାଇଥାଏ।

**(୪) ସମୟ ସଚେତନତା :** ଭାଷଣ ମଞ୍ଚ ଉପରେ କେବଳ ଜଣେ ବକ୍ତାର ଅଧୀକାର ନଥାଏ। ସେଠାରେ ଅନେକ ବକ୍ତା ଥାଇପାରନ୍ତି। ସମସ୍ତଙ୍କୁ ଭାଷଣ ଦେବାର ସମୟ ଦିଆଯାଇଥାଏ, ଯାହା ବକ୍ତାଜଣକ ଅବଗତ ହେବା ଜରୁରୀ। କେତେ ସମୟ ମଧ୍ୟରେ ନିଜର ଭାଷଣ ଶେଷ ହେବା ତାହା ସଭାପତିଙ୍କ ସହିତ ଭାଷଣ ପୂର୍ବରୁ ପରାମର୍ଶ କରିପାରନ୍ତି। ଏହା ଜାଣି ରଖିବା ଆବଶ୍ୟକଯେ, ନିର୍ଦ୍ଦିଷ୍ଟ ସମୟ ଭିତରେ ଭାଷଣ ଶେଷ କଲେ ତାହା ଶ୍ରୋତାମାନଙ୍କୁ ବିରକ୍ତିକର ହୋଇ ନଥାଏ। ବେଳେବେଳ ଦେଖାଯାଏ ସମୟ ସଚେତନତା ଅଭାବରୁ ସଭାପତି ସମେତ ସମଗ୍ର ସଭା ବିରକ୍ତି ଭାବ ପୋଷଣ କରନ୍ତି। ତେବେ ସମୟକୁ ଧ୍ୟାନ ଦେଇ ନିଜର ଭାଷଣ ପ୍ରଦାନ କଲେ ଶ୍ରୋତାମାନଙ୍କ ଶ୍ରଦ୍ଧାଭାଜନ ହୋଇପାରନ୍ତି।

**(୫) ସ୍ପଷ୍ଟ କଥନ :** ଅନେକ ସମୟରେ ଦେଖାଯାଏ ବକ୍ତା ଜଣକ ନିଜ କହିବା ବିଷୟକୁ ବୁଝାଇବା ଉଦ୍ଦେଶ୍ୟରେ ଅନେକ ବିଷୟକୁ ଉଦ୍ଧାର କରନ୍ତି। କିନ୍ତୁ ବେଳେବେଳେ ଉଦ୍ଧୃତି ପ୍ରଦାନ କରୁ କରୁ ଅପ୍ରତ୍ୟକ୍ଷ ଭାବରେ ଅନେକ ପ୍ରସଙ୍ଗକୁ ଯୋଡ଼ିଦିଅନ୍ତି। ଏଣୁ ବକ୍ତାର ବକ୍ତବ୍ୟ ସଂପୂର୍ଣ୍ଣ ରୂପେ ଅସ୍ପଷ୍ଟ ହୋଇଯାଏ। ଭାଷଣ ଦେବାର ସମୟରେ ମନେରଖିବା ଉଚିତ ପରୋକ୍ଷ ଉକ୍ତିଠାରୁ ପ୍ରତ୍ୟକ୍ଷ ଉକ୍ତି ସୁବୋଧ ହୋଇଥାଏ। ତେଣୁ କଥନରେ ସର୍ବଦା ସ୍ପଷ୍ଟତା ରଖିବା ଆବଶ୍ୟକ।

**(୬) ସଂବୋଧନ :** ସଭାମଞ୍ଚରେ ସଭାପତି, ସହବକ୍ତା ଏବଂ ସଭା ମଞ୍ଚତଳେ ଶ୍ରୋତାମାନେ ବସିଥାନ୍ତି। ତେବେ ଉଭୟ ମଞ୍ଚଉପରେ ବସିଥିବା ଏବଂ ମଞ୍ଚତଳେ ବସିଥିବା ଶ୍ରୋତାମାନଙ୍କୁ ସଂବୋଧିତ କରିବାକୁ ପଡିଥାଏ। ମଞ୍ଚରେ ଥିବା ସଭାପତିଙ୍କୁ ସମ୍ମାନନୀୟ ସଭାପତି, ସହବକ୍ତା ମାନଙ୍କୁ 'ସମ୍ମାନସ୍ପଦ' 'ସ୍ନେହାସ୍ପଦ', 'ଆଦରଣୀୟ' ଅତିଥିମାନଙ୍କୁ 'ବରେଣ୍ୟ ଅତିଥି' ଏବଂ ଶ୍ରୋତା ମଣ୍ଡଳୀଙ୍କୁ ଜ୍ଞାନୀଗୁଣୀ' 'ସାଧୁଜନେ', 'ଶ୍ରୋତାବର୍ଗ' ଭାବରେ ସଂବୋଧନ କରିବାକୁ ପଡ଼ିଥାଏ।। ସଂବୋଧ କରିବା ସମୟରେ ବକ୍ତାଜଣକ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରିବା ଏକାନ୍ତ ଜରୁରୀ। ଶ୍ରୋତାମାନଙ୍କ ପ୍ରତି ବକ୍ତାର ଯେତେ ପରିମାଣରେ ସଂବୋଧ ରହିବ ଶ୍ରୋତା ମଣ୍ଡଳୀ ସେହି ବକ୍ତା ପ୍ରତି ସେତିକି ପରିମାଣରେ ଆନ୍ତରିକତାର ଭାବ ପ୍ରକାଶ କରିବେ।

**(୭) ନାଟକୀୟ ଶୈଳୀ :** ସିଧା ସଳଖ ସାଧାରଣ ଭାବରେ କହିଲେ ଶ୍ରୋତାମାନଙ୍କୁ କିଛି ସମୟ ଆଦୃତକରେ ମାତ୍ର ବେଳେବେଳେ କହିବା ଢ଼ଙ୍ଗରେ କିଛି ନାଟକୀୟ ସଂଯୋଗ କରି ଉପସ୍ଥାପନ କଲେ ତାହା ଶ୍ରୋତାମାନଙ୍କୁ ଅଧିକ ଆକୃଷ୍ଟ କରି ରଖିଥାଏ। ବଚନରେ କିଛି ଚମତ୍କାରିତା ଆଣିବାକୁ ହେଲେ ବାଚିକ ଅଭିନୟର ସହାୟତା ନିଆଯାଇପାରେ। କଣ୍ଠ ସ୍ୱରର ପରିବର୍ତ୍ତନରେ ସଭାଗୃହରେ ନାଟକୀୟ ପରିବେଶ ସୃଷ୍ଟି କରାଯାଇପାରେ। ତଦ୍ୱାରା ହାସ୍ୟ, କରୁଣ, ବୀରତ୍ୱ ଇତ୍ୟାଦିର ପ୍ରକାଶ ହୋଇଥାଏ।

**(୮) ବକ୍ତବ୍ୟରେ ଚଟୁଳତା :** ସାଧାରଣ ଭାବରେ କହିଲେ ଭାଷଣକୁ ରସସିକ୍ତ କରିଥାଏ। ବକ୍ତାଜଣକ ଅତି ସାମାନ୍ୟ କଥାକୁ ସରଳ ଓ ସରସ ଭାବରେ ଉପସ୍ଥାପନ କରାଗଲେ ତାହା ଶ୍ରୋତାମାନଙ୍କୁ ଆଚ୍ଛନ୍ନ କରି ରଖିଥାଏ। କହିବା ଢ଼ଙ୍ଗଟି କେବଳ ଗାମ୍ଭିର୍ଯ୍ୟପୂର୍ଣ୍ଣ ନହୋଇ ସେଥିରେ ରସିକତା ରହିବା ଆବଶ୍ୟକ। ମଧ୍ୟ ଭାବରେ ବେଳେବେଳେ ହାସ୍ୟରସକୁ ସଂଯୋଗ କରାଗଲେ ତାହା ଶ୍ରୋତା ମାନଙ୍କଠାରୁ ଶ୍ରଦ୍ଧାଭାଜନ ପ୍ରାପ୍ତ ହୁଏ।

**(୯) ବିଷୟ ବ୍ୟାଖ୍ୟାନ :** କେତେକ ବକ୍ତାଙ୍କର ବିଭିନ୍ନ ବିଷୟରେ ଅନେକ ଧାରଣା ରହିଥାଏ। ବକ୍ତବ୍ୟ ଦେବା ସମୟରେ ନିଜର ଯୁକ୍ତିକୁ ପ୍ରମାଣିତ କରିବାକୁ ଅନେକ ଗୁଡ଼ିଏ ଦୃଷ୍ଟାନ୍ତ ଦିଅନ୍ତି। ଅନେକ ସମୟରେ ସେହି ଦୃଷ୍ଟାନ୍ତକୁ ବ୍ୟାଖ୍ୟା କରିବାକୁ ପଡ଼ିଥାଏ। ମାତ୍ର ଭାଷକର ବ୍ୟାଖ୍ୟାନ ଦକ୍ଷତା ନଥିଲେ ତାହା ଶ୍ରୋତା ମାନଙ୍କ ପାଖରେ ଦୁର୍ବୋଧ ମନେ ହୁଏ। ବ୍ୟାଖ୍ୟାନ ଦକ୍ଷତା ପାଇଁ ସେହି ବିଷୟ ପ୍ରତି ପ୍ରାଞ୍ଜଳ ଧାରଣା ଥିବା ଆବଶ୍ୟକ। ଜଟିଳ ବ୍ୟାଖ୍ୟାନ, ଅତ୍ୟଧିକ ମାତ୍ରାରେ ସଂସ୍କୃତାୟିତ ଭାଷା ଭାଷଣକୁ ଶ୍ରୁତିକଟୁ କରିଥାଏ। ଫଳରେ ଭାଷଣ ରସଶିକ୍ତ ହେବା ପରିବର୍ତ୍ତେ ଅତ୍ୟନ୍ତ କ୍ଳାନ୍ତକର ହୋଇପଡ଼େ।

**(୧୦) ଭାଷାର ବ୍ୟବହାର :** ଭାଷଣରେ ବକ୍ତାଙ୍କ ହୃଦୟର ବାଣୀକୁ ଶ୍ରୋତାଙ୍କ ନିକଟକୁ ପ୍ରେରଣ କରିବାରେ ଭାଷା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ। ଭାଷଣର ଭାଷା ଭାବାନୁସାରୀ ହେବା ନିତାନ୍ତ ଆବଶ୍ୟକ। ଗ୍ରାମାଞ୍ଚଳରେ ଭାଷଣ ଦେବା ସମୟରେ ସାଧାରଣ ସ୍ୱଳ୍ପ ଶିକ୍ଷିତ ବା ଅଶିକ୍ଷିତ ଶ୍ରୋତା ମଣ୍ଡଳୀଙ୍କ ପାଇଁ ସରଳ, ସାବଲିଳ ଓ ବୋଧଗମ୍ୟ ଭାଷାର ପ୍ରୟୋଗ କରାଯିବା ଉଚିତ। ଇଂରାଜୀ, ସଂସ୍କୃତ ଶ୍ଳୋକ, କଠିନ ଶବ୍ଦ ଆଦିର ଯଥେଷ୍ଟ ଉଚ୍ଚାରଣ କଲେ ସେମାନଙ୍କ ବୋଧଗମ୍ୟ ହରାଇଥାଏ। ତେବେ ସେମାନଙ୍କ ପାଇଁ ଲୋକ କାହାଣୀ ଢ଼ଗ ଢ଼ମାଳି ପ୍ରଭୃତିର ପ୍ରୟୋଗ କଲେ ଭାଷଣ ସେମାନଙ୍କ ପାଇଁ ରୁଚିକର ହୋଇଥାଏ।

## ୨.୪ ଭାଷଣକଳାର ପ୍ରକାରଭେଦ

ମଣିଷର ରଚି ଭିନ୍ନ ଭିନ୍ନ। ତେଣୁ ରଚି ଅନୁସାରେ ମନକୁ ସୁହାଇଲା ଭଳି ଉପଯୁକ୍ତ ଖୋରାକ ଯୋଗାଇଦେବା ଭଳି ଭାଷଣ ବିନିଯୁକ୍ତ ହେବା ଆବଶ୍ୟକ। ଭିନ୍ନ ଭିନ୍ନ ରଚି ରଖୁଥିବା ଗୋଟିଏ ଭାଷଣ ଗୃହରେ ଶ୍ରୋତା ବା ଭାଷଣାଗ୍ରାହୀ ଦେଖିବାକୁ ମିଳିଥାନ୍ତି। ସ୍ଥୁଳତଃ କେହି କେହି ଧାର୍ମିକ କଥନ ପ୍ରତି ରଚି ରଖୁଥିବା ବେଳେ କେହି କେହି କଳା, ସଂସ୍କୃତି ପ୍ରତି ରଚି ରଖନ୍ତି। ଏହି ଦୃଷ୍ଟିରେ ବିଚାର କଲେ ବାଣିଜ୍ୟ, ସାହିତ୍ୟ, ଜାତୀୟତା, ରାଜନୀତି, ଅର୍ଥନୀତି, ଧର୍ମ, ସଂସ୍କୃତି, ଶିକ୍ଷା, ବିଜ୍ଞାନ, କୃଷି ପ୍ରଭୃତି ବିବିଧ ବାସ୍ତବତା ଉପରେ ଜନଜୀବନ ପ୍ରତିଷ୍ଠିତ ହୋଇଥାଏ। ଏଣୁ ଏହି ସବୁ ଦିଗକୁ କେନ୍ଦ୍ରକରି ଭାଷଣ ବିଭିନ୍ନ ପ୍ରକାରରର ହେବା ସ୍ୱାଭାବିକ। ନିମ୍ନରେ ଭାଷଣର ସବିଶେଷ ବିବରଣୀ ଦିଆଯାଇପାରେ। ଯଥା –

୧- ସାହିତ୍ୟିକ ଭାଷଣ

୨- ଆଧ୍ୟାତ୍ମିକ ଭାଷଣ

୩- ପୌରାଣିକ ଭାଷଣ

୪- ଧାର୍ମୀକ ଭାଷଣ

୫- ତାର୍କିକ ଭାଷଣ

୬- ଶୋକାତ୍ମକ ଭାଷଣ

୭- ସ୍ୱାଗତ ଭାଷଣ

୮- ବିଦାୟ ସଭା

୯- ସମସ୍ୟା ମୂଳକ ଭାଷଣ

୧୦- ଜୟନ୍ତି ସଭାର ଭାଷଣ

୧୧- ପ୍ରତିଯୋଗିତା ମୂଳକ ଭାଷଣ

୧୨- ରାଜନୀତିକ ଭାଷଣ

୧୩- ଦୀକ୍ଷାନ୍ତ ଭାଷଣ

୧୪- ବିଷୟାନୁସାରୀ ଭାଷଣ

୧୫- ସମ୍ବର୍ଦ୍ଧନା ଭାଷଣ

**(୧) ସାହିତ୍ୟିକ ଭାଷଣ :** କେବଳ ସାହିତ୍ୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥାଏ ଏହି ଧରଣର ଭାଷଣ ସମାରୋହରେ । ଏଠାରେ ଭାଷକ ବା ବକ୍ତାମାନେ କେବଳ ସାହିତ୍ୟର ଚର୍ଚ୍ଚା କରିଥାନ୍ତି । ସାହିତ୍ୟ ସମ୍ମିଳନୀରେ ବକ୍ତା ମାନେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଭାବପୂର୍ଣ୍ଣ ଭଙ୍ଗୀରେ ନିଜର ବକ୍ତବ୍ୟ ପ୍ରଦାନ କରିଥାନ୍ତି ଯଦ୍ଵାରା ସାହିତ୍ୟିକ ପ୍ରେମୀମାନେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ସାହିତ୍ୟ ମନସ୍କ ହୋଇଥାନ୍ତି ।

**(୨) ଆଧାତ୍ମିକ ଭାଷଣ :** ଏହି ଧରଣର ଭାଷଣରେ କେବଳ ଆଧାତ୍ମିକ ବିଷୟକ କଥନ କରାଯାଇଥାଏ । ଏଥିରେ ଆତ୍ମା, ପରମାତ୍ମା, ଜୀବନର ଅନୁଚିନ୍ତନ, ଉକ୍ତି, ମୁକ୍ତି, ସାଧନା ଓ ଐଶ୍ୱରିୟ ରୂପ ପ୍ରକୃତି ପର୍ଯ୍ୟବେସିତ ହୋଇଥାଏ । ସମାଜରେ ସଂସ୍କାରିତ କରିବା ଉଦ୍ଦେଶ୍ୟରେ ବକ୍ତା ନିଜ କଥନରେ ଧର୍ମ, ପୁରାଣ, ନୀତି, ଆଦର୍ଶ ଇତ୍ୟାଦିର ମନ୍ତବ୍ୟ ଦେଇଥାନ୍ତି ।

**(୩) ପୌରାଣିକ ଭାଷଣ :** ରାମାୟଣ, ମହାଭାରତ, ଭାଗବତ, ଭଳି ଧର୍ମ ପୁରାଣ ସଂପୂର୍ଣ୍ଣ ଭାବରେ ପାଠ କଳାପରେ ଏପ୍ରକାରର ଭାଷଣ ସଭା ଆୟୋଜିତ ହୋଇଥାଏ । ଏହି ଧରଣର ପୁରାଣ ପାରାୟଣ ଭାବରେ ପରିଚିତ । ଏହି କଥନରେ ବକ୍ତବ୍ୟ ସହିତ ସଙ୍ଗୀତଗାନ, ଶ୍ଳୋକ, ପଦ୍ୟମାନଙ୍କର ଆବୃତ୍ତି ମୁଖ୍ୟ ସ୍ଥାନ ପାଇଥାଏ । ପୁରାଣ ପ୍ରତି ଯେଉଁ ଶ୍ରୋତା ମାନଙ୍କର ଭାବଥାଏ ଏପ୍ରକାର ଭାଷଣ ତାଙ୍କୁ ବିଶେଷ ଆଦୃତ କରିଥାଏ ।

**(୪) ଧାର୍ମିକ ଭାଷଣ :** ଏହି ଧରଣର ଭାଷଣ ସମ୍ମେଳନ ଗୁଡ଼ିକରେ ଧର୍ମ ସଂପର୍କିତ ବିଷୟ ଚର୍ଚ୍ଚା କରାଯାଇଥାଏ । କୌଣସି ନିର୍ଦ୍ଦିଷ୍ଟ ଦିଗ ଏବଂ ତାକୁ ପାଳନ କରିବାର ପ୍ରକ୍ରିୟା ଉପରେ ଅବଧାରଣା ପ୍ରଦାନ କରାଯାଏ । ଧାର୍ମିକ ଶ୍ରୋତାଙ୍କୁ ଏହି ଧରଣର ଭାଷଣ ବିଶେଷଣ ଭାବରେ ଆକୃଷ୍ଟ କରିଥାଏ ।

**(୫) ତାର୍କିକ ଭାଷଣ :** ଯେକୌଣସି ବିତର୍କ ସୃଷ୍ଟିକାରୀ ପ୍ରସଙ୍ଗ ଉପରେ ବକ୍ତାଜଣକ ନିଜର ବକ୍ତବ୍ୟ ପ୍ରଦାନ କରିବାକୁ ତାର୍କିକ ଭାଷଣ କହିବା । ଏଥିରେ ବକ୍ତା ଜଣକ ସତଥ୍ୟ ଆଧାରରେ ନିଜର ଯୁକ୍ତି ବାଢ଼ନ୍ତି । ସମାଜ ବ୍ୟବସ୍ଥା, ରାଜନୈତିକ, ଅର୍ଥନୈତିକ, ଧାର୍ମିକ, ବାଣିଜ୍ୟକ ପ୍ରଭୃତି ପ୍ରସଙ୍ଗ ଆଲୋଚନା ପରିସରକୁ ଆସିବା ଦ୍ଵାରା ଶ୍ରୋତା ମଣ୍ଡଳୀ ସବିଶେଷ ତଥ୍ୟ ପାଇପାରନ୍ତି ।

(୬) **ଶୋକାତ୍ମକ ଭାଷଣ :** କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘରେ ତାଙ୍କର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ଯେଉଁ ସଭା ଆୟୋଜିତ ହୋଇଥାଏ ତାକୁ ଶୋକାତ୍ମକ ଭାଷଣ କୁହାଯାଏ। ଏହି ସଭାରେ ସମ୍ମିଳିତ ହୋଇଥିବା ବ୍ୟକ୍ତିମାନେ ନିଜର କଥନରେ ବିୟୋଗ ଘଟିଥିବା ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ, ତାଙ୍କର ସାରାଜୀବନର ଅନୁପସ୍ଥିତିର ଆବଶ୍ୟକତା ପ୍ରଭୃତି ଦିଗ ଉପରେ ଭାଷଣ ପ୍ରଦାନ କରିଥାନ୍ତି ଏବଂ ଭାଷଣର ଶେଷରେ ତାଙ୍କର ଆତ୍ମାର ସଦ୍‌ଗତି ହେଉ ବୋଲି ପ୍ରାର୍ଥନା କରିଥାନ୍ତି। ଏହି ଧରଣର ଭାଷଣରେ ଦୁଃଖାନ୍ତକ ଅନୁଭୂତି ପ୍ରକାଶ ପାଇଥାଏ।

(୭) **ସ୍ୱାଗତ ଭାଷଣ :** ବର୍ତ୍ତମାନ ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆଦି କ୍ଷେତ୍ରରେ ଏକ ପ୍ରକାର ପରଂପରା ଚଳି ଆସୁଅଛି ଯେଉଁଥିରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥାଏ। କୌଣସି ବିଦ୍ୟାର୍ଥୀ, ବ୍ୟକ୍ତି ବିଶେଷ ତଥା ସଭ୍ୟଙ୍କୁ ସ୍ୱାଗତ କରିବା ସଙ୍ଗେ ତାଙ୍କର ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣର ମଧ୍ୟ ଆୟୋଜନ କରାଯାଇ ଥାଏ।

(୮) **ବିଦାୟ ସଭା ଭାଷଣ :** ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀଙ୍କ ଶିକ୍ଷାବର୍ଷ ଶେଷ ହେବା ସମୟରେ କୌଣସି ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କର ଅବସର ସମୟରେ ଏହି ଧରଣର ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିରେ କାର୍ମଚାରୀଙ୍କ ପରବର୍ତ୍ତୀ ଜୀବନ ସୁସ୍ଥ ଏବଂ ସୁଖମୟ ହେଉ ବୋଲି ପ୍ରାର୍ଥନା କରାଯାଏ ଏବଂ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରାଯାଇଥାଏ। ଏହି ଧରଣର ଭାଷଣ ସ୍ୱଳ୍ପ ସମୟ ମଧ୍ୟରେ ଶେଷ ହୋଇଥାଏ।

(୯) **ସମସ୍ୟାମୂଳକ ଭାଷଣ :** କୌଣସି ସମସ୍ୟା ଦେଖାଦେଲେ ତାର କାରଣ ଓ ଏହାର ସମାଧାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥାଏ। ଏ ଧରଣର ଭାଷଣ କାର୍ଯ୍ୟକ୍ରମରେ। ଏଥିରେ ବକ୍ତା ଜଣକ ନିଜର ଅଭିମତକୁ ପ୍ରକାଶ କରିଥାଏ।

(୧୦) **ଜୟନ୍ତିସଭା ଭାଷଣ :** ପ୍ରାୟତଃ ସମାଜର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଜୟନ୍ତି ଉଦ୍ଦେଶ୍ୟରେ ଏହି ଧରଣର ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିରେ ବକ୍ତା ଜଣକ ସେହି ବକ୍ତିବିଶେଷଙ୍କର ମହନୀୟ ଗୁଣାବଳୀକୁ, ନୀତି, ଆଦର୍ଶ ପ୍ରକୃତି ସଂପର୍କରେ ସ୍ମୃତିଚାରଣ କରିଥାନ୍ତି। ଏପରି କାର୍ଯ୍ୟକ୍ରମ ଦ୍ୱାରା ଶ୍ରୋତାମାନେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପରେ ସବିଶେଷ ତଥ୍ୟ ପାଇବା ସହିତ ଅନେକ ପ୍ରେରଣ ମଧ୍ୟ ପାଇ ପାରନ୍ତି।

(୧୧) **ପ୍ରତିଯୋଗିତାମୂଳକ ଭାଷଣ :** ବିଶେଷ କରି ଛାତ୍ରଛାତ୍ରୀମାନଙ୍କର ବାଚନିକ ଦକ୍ଷତାର ବିକାଶ ପାଇଁ ଏହି ଧରଣର ଭାଷଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଯେକୌଣସି ବିଷୟକୁ ଆଧାର କରି କିଛି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାକୁ ଉପସ୍ଥାପନ କରିବାକୁ କୁହାଯାଇଥାଏ। ଏଥିରେ ବିଚାରକ ମଣ୍ଡଳୀ ସଠିକ ବିଚାର କରି ଫଳାଫଳ ଘୋଷଣା କରିଥାନ୍ତି। ଉପସ୍ଥାପକ ମାନେ ନିଜସ୍ୱ ମତାମତକୁ ଦୃଢ଼ଭାବରେ ପ୍ରତିପାଦନ କରିଥାନ୍ତି।

**(୧୨) ରାଜନୀତିକ ଭାଷଣ :** ବିଭିନ୍ନ ରାଜନୈତିକ ସଂଗଠନ ସେମାନଙ୍କ ଦଳୀୟ ଆଭିମୁଖ୍ୟକୁ ନେଇ ସଭାମାନ ଆୟୋଜନ କରିଥାନ୍ତି। ଏହି ଭାଷଣ ଦ୍ୱାରା ରାଜନୀତିକ କର୍ମୀମାନେ ବିଶେଷ ଉପକୃତ ହୋଇଥାନ୍ତି। କେତେକ କ୍ଷେତ୍ରରେ ରାଜନୀତିକ ନେତାମାନେ ନିଜ ନିଜ ଦଳକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସଭାମାନ ଅନୁଷ୍ଠିତ କରିଥାନ୍ତି। କେବଳ ରାଜନୀତିକ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଏପ୍ରକାର ଭାଷଣ ସଭାର ଆୟୋଜନ କରାଯାଇଥାଏ।

**(୧୩) ଦୀକ୍ଷାନ୍ତ ଭାଷଣ :** ଅନେକ ଅନୁଷ୍ଠାନ ମାନଙ୍କରେ ସଭା ସମିତି ଗୁଡ଼ିକରେ ଏହି ଧରଣର ଭାଷଣ ପ୍ରଦାନ କରାଯାଇଥାଏ। ଏଥବରେ ସମ୍ମାନଜନକ ବ୍ୟକ୍ତିବିଶେଷଙ୍କୁ ବକ୍ତା ଭାବରେ ଗ୍ରହଣ କରାଯାଇଥାଏ। ତାଙ୍କ ଭାଷଣରେ ନୀତି, ଆଦର୍ଶ, ତଥା ସୁସ୍ଥ ସମାଜ ଗଠନର ବାଣୀ ପ୍ରକାଶ ପାଇଥାଏ ଯଦ୍ୱାରା ଶ୍ରୋତାମାନଙ୍କୁ ଶିଷ୍ୟ ତୁଲ୍ୟ ଉତ୍ତମ ମାର୍ଗଦର୍ଶନ ମିଳିଥାଏ।

**(୧୪) ବିଷୟାନୁସାରୀ ଭାଷଣ :** ଏଧରଣର ଭାଷଣ କେବଳ ନିର୍ଦ୍ଦିଷ୍ଟ ବିଷୟ ଉପରେ ପରିଚାଳିତ ହୋଇଥାଏ। ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ବାଣିଜ୍ୟ, ସାମାଜତତ୍ତ୍ୱ ପ୍ରଭୃତି ବିଭିନ୍ନ ବିଷୟକୁ ନେଇ ସେହି ବିଷୟର ବିଶେଷଜ୍ଞଙ୍କ ବକ୍ତବ୍ୟ ପ୍ରଦାନ କରାଯାଇଥାଏ। ଏଥିରେ ଅନେକ ଗୁଡ଼ିକ ତତ୍ତ୍ୱମୂଳକ ତଥ୍ୟ ମିଳି ପାରିଥାଏ।

**(୧୫) ସମ୍ବର୍ଦ୍ଧନା ଭାଷଣ :** ବର୍ତ୍ତମାନର ସଭ୍ୟ ସମାଜର ଏକ ବୃହତ ଅଂଶ ବିଶେଷ ହେଉଛି ସମ୍ବର୍ଦ୍ଧନା ଦେବା। କୌଣସି ବିଶିଷ୍ଟ ବ୍ୟକ୍ତି ବିଶେଷ କିମ୍ବା ବିଦେଶାଗତଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏପରି ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିରେ ଉକ୍ତ ବ୍ୟକ୍ତିଙ୍କର କୃତିତ୍ୱ ପାଇଁ ସମ୍ମାନ ଦିଆଯାଇଥାଏ।

ଏହି ଧରଣର ଭାଷଣ କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ବିଶେଷଭାବେ ଉତ୍ସାହିତ କରିଥାଏ।

## ୨.୫ ଭାଷଣ ପ୍ରସ୍ତୁତି

ଭାଷଣ ଏକ ସ୍ୱତନ୍ତ୍ର କଳା। ଅଭ୍ୟାସ ଓ ସାଧନା ଦ୍ୱାରା ହିଁ ଏହାର ପରିପକ୍ୱତା ଆସେ ଭାଷଣଦେବା ପୂର୍ବରୁ ଭାଷଣର କ୍ଷେତ୍ର ବିଷୟରେ ଧାରଣା ରଖିବା ଏକାନ୍ତ ଆବଶ୍ୟକ। ଏ ସଂପର୍କରେ ନିମ୍ନରେ କେତୋଟି ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇପାରେ।

- ଭାଷଣ ଦେବା ପୂର୍ବରୁ ବକ୍ତା ଜଣକର ଦୃଢ଼ ମାସନିକ ପ୍ରସ୍ତୁତି ଥିବା ଆବଶ୍ୟକ।
- ବକ୍ତାଙ୍କର ଭାଷଣ ବିଷୟ ଉପରେ ସବିଶେଷ ତଥ୍ୟ ଜାଣି ରଥିବା ଦରକାର।
- ବିଷୟ ଉପରେ ପ୍ରବେଶ ନଥିଲେ ଅଯଥା ପ୍ରସଙ୍ଗକୁ ଆଲୋଚନା କରିବା ଅନୁଚିତ।
- ଉତ୍ସାହମନା ହୋଇ ବକ୍ତବ୍ୟ ରଖିବା ଉଚିତ।
- ଭାଷଣର ମଞ୍ଚ, ଶ୍ରୋତା, ସ୍ଥାନ ସଂପର୍କରେ ପୂର୍ବରୁ ଧାରଣା କରିନେବା ଆବଶ୍ୟକ। ବିଷୟ ଉପରେ ନାନା ତଥ୍ୟ ଦେଇ ଦୀର୍ଘ ସମୟ ଧରି କହିବା ଦ୍ୱାରା ଶ୍ରୋତାଙ୍କୁ ବିରକ୍ତିକର ଲାଗିପାରେ। ତେଣୁ ସମୟର ଉପଯୋଗୀତା କରିବା ସହିତ କମ୍ ତଥ୍ୟର ବିସ୍ତାରକାରୀ କରଣ କରିଦେବା ଆବଶ୍ୟକ।

- ଭାଷଣକୁ ଜୀବନ୍ତ କରିବା ପାଇଁ କେତେକ ସ୍ୱତନ୍ତ୍ର କୌଶଳ ଅବଲମ୍ବନ କରିବା ଆବଶ୍ୟକ।
- ପ୍ରସଙ୍ଗକୁ ମନେରଖିବାପାଇଁ ଛୋଟ ଟିପାଟିଏ ପ୍ରସ୍ତୁତ କରି ରଖିଥିବା ଉଚିତ।
- ଅନ୍ୟମାନେ ବୁଝିପାରିବା ଭଳି ଭାଷଣ ଦେବା ଉକ୍ତିତ୍।
- ସମୟର ସୀମିତତା ଅନୁସାରେ ଭାଷଣକୁ ପ୍ରସ୍ତୁତ କରନ୍ତୁ।
- ଭାଷଣ ପାଇଁ ସୁନ୍ଦର କଣ୍ଠସ୍ୱର ବା ଆଳଙ୍କାରିକ ଶବ୍ଦାବଳୀର ପ୍ରୟୋଗ ଜରୁରୀ ନୁହେଁ।
- ଯେତେ ଅଧିକ କହିବେ ସେତେ ଅଧିକ ଭଲ କରିପାରିବେ। ତେଣୁ ବାରମ୍ବାର ଅଭ୍ୟାସ କରନ୍ତୁ। ଅଭ୍ୟାସ ହିଁ ଦକ୍ଷତାର ବାଟ।
- ବକ୍ତୃତାର ମୂଳ ଆଭିମୁଖ୍ୟ ହେଉଛି ଉପସ୍ଥିତ ଶ୍ରୋତୃମଣ୍ଡଳୀକୁ ଶବ୍ଦରେ ବାନ୍ଧି ରଖିବା। ତେଣୁ କହିବାବେଳେ ଶ୍ରୋତାମାନଙ୍କ ମନରେ ଯେଭଳୀ ଛବିଟିଏ ଦୃଶ୍ୟମାନ ହେବ ସେହିଭଳି କହିବା ଜରୁରୀ।
- ବକ୍ତୃତାଟିକୁ ସୁନ୍ଦର କରିବାକୁ ହେଲେ ତା'ର ଉପସ୍ଥାପନା ଶୈଳୀରେ ଟିକିଏ ନାଟକୀୟତାର ଆବଶ୍ୟକତା ରହିଛି। ଶ୍ରୋତାମାନଙ୍କ ମନକୁ ଛୁଇଁପାରିବା ଭଳୀ ଭାବଭଙ୍ଗୀ ପ୍ରଦର୍ଶନ କରିବା ବକ୍ତୃତାର ଅନ୍ୟ ଏକ କଳା।
- ଅଙ୍ଗଭଙ୍ଗୀ ପ୍ରଦର୍ଶନ ସହ ଆବଶ୍ୟକ ଅନୁସାରେ ଉଦାହରଣ ଦେଇ ଭାଷଣକୁ ଆକର୍ଷଣୀୟ କରିବା ଆବଶ୍ୟକ। ମନେରଖନ୍ତୁ, ଯାହା କହୁଛନ୍ତି ତାହା ଯେମିତି ପ୍ରାଂଜଳ, କୌତୂହଳପୂର୍ଣ୍ଣ ଏବଂ ଆକର୍ଷଣୀୟ ହେବା ଜରୁରୀ।
- ବିଷୟ ବସ୍ତୁର ବାସ୍ତବ ଅର୍ଥ ବୁଝି ତା' ଉପରେ ବକ୍ତବ୍ୟ ଦେବାଦରକାର। ବିଷୟବସ୍ତୁ କୁ ନବୁଝି ଖାଲି ଉପରଠାଉରିଆ ଭାବେ କହିବା ଆଦୌ ଉଚିତ୍ ନୁହେଁ।
- ବକ୍ତୃତାଦେବା ବେଳେ ବକ୍ତାର ଲକ୍ଷ୍ୟ ରହିବା ଉଚିତ୍, କେମିତି ଭାଷଣଟି ଶ୍ରୋତାମାନଙ୍କ ଉପରେ ପ୍ରଭାବ ବିସ୍ତାର କରିପାରିବ। ତେଣୁ ଶ୍ରୋତାମାନଙ୍କୁ ପସନ୍ଦ ହେବା ଭଳି ଛୋଟ ଛୋଟ ବାକ୍ୟ ଏବଂ ସାହିତ୍ୟ ବା ସାଧୁଭାଷା ବଦଳରେ କଥିତ ଆଂଚଳିକ ଭାଷାର ବହୁଳ ବ୍ୟବହାର କରିବା ଉକ୍ତିତ୍।
- ବ୍ୟକ୍ତି ବିଶେଷଙ୍କ ଆଧାରିତ ବକ୍ତୃତାକୁ ଶ୍ରୁତିଉପଯୋଗୀ କରିବା ପାଇଁ ଅଧିକ ତଥ୍ୟ, ଯାହାକି ବାସ୍ତବ ତାହା ପ୍ରଦାନ କରାଗଲେ ଭଲ। ଏହିସବୁ ବକ୍ତବ୍ୟ ପ୍ରଦାନବେଳେ ସ୍ପଷ୍ଟ ଓ ନିରପେକ୍ଷ ଭାବେ କହିବା ଆବଶ୍ୟକ।
- ସେହିଭଳି କୌଣସି ନିର୍ଦ୍ଦିଷ୍ଟ ସାମାଜିକ ଆବଶ୍ୟକତା ଆଧାରିତ ବକ୍ତୃତାର ସେହି ସାମାଜିକ ଉଦ୍ଦେଶ୍ୟ ସଂପର୍କିତ ତଥ୍ୟ ଓ ସତ୍ୟ ମଧ୍ୟରେ ସୁନ୍ଦର ସମନ୍ୱୟ ବା ଭାରସାମ୍ୟ ରକ୍ଷାକରି ବକ୍ତବ୍ୟ ଦେବା ଜରୁରୀ।
- ନିଜର ଅନ୍ତର୍ନିହିତ ସମ୍ଭାବନାକୁ ବକ୍ତୃତା ବା ଭାଷଣ ମାଧ୍ୟମରେ ଜାଗ୍ରତ କରିହୁଏ। ଖାଲି ସେତିକି ନୁହେଁ, ବକ୍ତୃତା ମାଧ୍ୟମରେ ନିଜର ପ୍ରଭାବ ବିସ୍ତାର କରିହୁଏ। ଅନ୍ୟମାନଙ୍କୁ ନିଜର ବ୍ୟକ୍ତିତ୍ୱ ଆଡକୁ ଆକୃଷ୍ଟ କରିହୁଏ।
- ଭାଷଣ ବା ବକ୍ତୃତାରେ ଅନ୍ୟର ଅନୁଭବକୁ ଜାଣିହୁଏ, ନିଜର ଅନୁଭବକୁ ବଖାଣି ହୁଏ। ବକ୍ତୃତା ଦେବାରେ କିଭଳି ସଫଳତା ମିଳିବ, ସେଥିପାଇଁ ସ୍ଥିର ନିଶ୍ଚିତ ହୋଇ ବକ୍ତବ୍ୟପାଇଁ ମିଳିଥିବା ସମୟରେ ଉପଯୋଗ କରିବା ଦରକାର।

- ବକ୍ତୃତା ହେଉ କି ଦଳଗତ ଆଲୋଚନା, ସଫଳତା ପାଇବାକୁ ହେଲେ ପ୍ରଥମକଥା ହେଉଛି ଆତ୍ମପ୍ରତ୍ୟୟ ବା ଆତ୍ମବିଶ୍ୱାସ। ବିଷୟବସ୍ତୁକୁ ଠିକ୍ ଭାବେ ପ୍ରସ୍ତୁତ କରି ଭୟନକରି ନିଃସଙ୍କୋଚରେ ନିଜର ଲକ୍ଷ୍ୟକୁ ଅଗ୍ରାଧିକାର ଦେବା ଉଚ୍ଚିତ୍।
- ବିଷୟବସ୍ତୁରେ ନିଜକୁ ହଜାଇଦେଇ ମିଳିଥିବା ସମୟ ମଧ୍ୟରେ ସକାରାତ୍ମକ ମନୋଭାବ ନେଇ ସ୍ପଷ୍ଟଭାବେ କହିବା ଉଚିତ୍। ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖ ଜାଣି କିଭଳି ତାହାକୁ ସୁନ୍ଦର ଭାବେ ଉପସ୍ଥାପନ କରିହେବ ସେଥିପ୍ରତି ସଚେତନ ହେବା ଆବଶ୍ୟକ।
- ବକ୍ତୃତା ବା ଦଳଗତ ଆଲୋଚନା ଜ୍ଞାନର ବିଚାର ସହ ବ୍ୟକ୍ତିତ୍ୱର ଆକଳନ କରିହୁଏ। ତେଣୁ ବେଶପୋଷାକ, ହାବଭାବ, ଭାବଭଙ୍ଗୀ, ଅଙ୍ଗଭଙ୍ଗୀ ଏସବୁ ପ୍ରତି ସଚେତନାର ଆବଶ୍ୟକତା ରହିଛି। ସାମଗ୍ରିତ ଭାବେ ନିଜର ଜ୍ଞାନ ଓ ବ୍ୟକ୍ତିତ୍ୱକୁ ଉପସ୍ଥାପନା କରିବାର ମାଧ୍ୟମହେଉଛି ବକ୍ତୃତା, ଦଳଗତ ଆଲୋଚନା ଇତ୍ୟାଦି।
- ବକ୍ତୃତାଟି ଯେଉଁ ବିଷୟରେ ଆଧାରିତ, ସେହି ବିଷୟଟିକୁ କିଭଳି ଅନ୍ୟ ବକ୍ତା ବା ପ୍ରତିଯୋଗୀଙ୍କ ତୁଳନାରେ ଅଲଗା ତଥା ଆକର୍ଷଣୀୟ ଭାବେ ଉପସ୍ଥାପନା କରିହେବ ସେଥିପ୍ରତି ବିଦ୍ୟାର୍ଥୀଗଣ ତୁମେମାନେ ପ୍ରସ୍ତୁତ ହୋଇ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ଅଲଗାଭାବେ ପ୍ରମାଣିତ କରିବା ଆବଶ୍ୟକ। ବିଷୟବସ୍ତୁର ଗୁରୁତ୍ୱ ଅନୁଭବ କରି ସେହି ବିଷୟବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ଭଲଭାଷଣର କଳା।
- ବିଦ୍ୟାର୍ଥୀମାନେ ମନେରଖ ଭଲ ଭାଷଣ ଦେବା ପୂର୍ବରୁ ଯୋଜନାଟିକୁ ପ୍ରସ୍ତୁତ କରି। ସେହି ଯୋଜନା ଆଧାରରେ ନିଜର ବକ୍ତବ୍ୟ ଉପସ୍ଥାପନ କର। କାହାଠାରୁ ଶୁଣି ବା କିଛି ଅଜନା କଥା କହିବା ପୂର୍ବରୁ ତଥ୍ୟର ସଠିକତା ପରୀକ୍ଷା କରିନେବା ଦରକାର। କାରଣ କହୁଥିବା ତଥ୍ୟ ବା କଥା ଯଦି ଠିକ୍ ନଥାଏ ତେବେ ତାହା ଶ୍ରୋତୃମଣ୍ଡଳୀ ବା ବିଚାରକଗଣ ସହଜରେ ଗ୍ରହଣ କରିବେ ନାହିଁ।
- ଯେଉଁ ବିଷୟରେ ବକ୍ତୃତାଟି ଦେଉଛ ତାହା କିଭଳି ଉତ୍କୃଷ୍ଟପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ହୋଇପାରିବ, ସେଥିପ୍ରତି ଯତ୍ନବାନ୍ ହୋଇ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କର। ଉତ୍କଣ୍ଠାପୂର୍ଣ୍ଣ ଭାଷଣ ହିଁ ସବୁବେଳେ ଆକର୍ଷଣୀୟ।
- ବିଦ୍ୟାର୍ଥୀଗଣ, ଆଉ ଗୋଟିଏ କଥା ମନେରଖ। ବକ୍ତୃତା ବା ଭାଷଣ କହିଲେ ଖାଲି ତୁମେମାନେ ଅଂଶଗ୍ରହଣ କରୁଥିବା ବକ୍ତୃତା ପ୍ରତିଯୋଗିତାକୁ ବୁଝାଇନଥାଏ। ଏହା ସାଧାରଣତଃ ତିନିପ୍ରକାରର ଯଥା;- (କ) ସଭାସମିତି ବା ଅନ୍ୟ କୌଣସି ସ୍ଥାନରେ ବକ୍ତୃତା ବା ଭାଷଣ (ଖ) ଓ (ଗ) ବିଭାଗ ତୁମମାନଙ୍କର ଜ୍ଞାନ ଗରିମା ପାଇଁ ଅଧିକ ଆବଶ୍ୟକ ହୋଇଥାଇପାରେ, ତେବେ (କ) ବିଭାଗଟି ମଧ୍ୟ ତୁମେମାନେ କହିବା କେମିତି କଳା ସେ ଦିଗରେ ସହାୟକ ହୋଇଥାଏ। ଏସବୁଥିରେ କହିବାକଳା ବା କଥନ କୌଶଳ ରହିଛି।
- ସଭା ସମିତିରେ ଭାଷଣ ହେଉ କି ବକ୍ତୃତା ଅବା ବିତର୍କ ପ୍ରତିଯୋଗିତା ସବୁ ବକ୍ତବ୍ୟ ବା ଭାଷଣରେ ଥାଏ କଳା। ଏହା ବ୍ୟକ୍ତିବିଶେଷ ଉପରେ ନିର୍ଭର କରିଥାଏ। କହିବାର, ଶୈଳୀ, କହିବାର ଗଭୀରତା, କହିବାର ସ୍ୱାତନ୍ତ୍ର୍ୟ ଭାଷଣ ବା ବକ୍ତୃତାଟିକୁ ସୁନ୍ଦର କରି ସଜାଡିଥାଏ। ଯୋଜନା ଅନୁସାରେ ଯେତେ ସଜଡା ହୋଇଥିବା ଭାଷଣ ଦିଆଯାଏ ସେହିସବୁ ଭାଷଣ ସେତେ ପ୍ରଭାବଶାଳୀ ଓ ଫଳପ୍ରଦ ହୋଇଥାଏ।

- ଦଳଗତ ଆଲୋଚନାରେ ଭାଗ ନେଇଥିବା ଅଂଶଗ୍ରହଣକାରୀ ସପକ୍ଷରେ ବା ବିପକ୍ଷରେ ଆବଶ୍ୟକତା ଅନୁସାରେ ମତ ଉପସ୍ଥାପନା କରିଥାନ୍ତି । ଏଥିରେ ବିଷୟବସ୍ତୁ ଆବଶ୍ୟକ କରୁଥିବା ତର୍ଜମା ଦିଗରେ ଅଂଶଗ୍ରହଣକାରୀ ଗୁରୁତ୍ୱାରୋପ କରି ଆଲୋଚାନଟିକୁ ଆଗେଇ ନେଇଥାନ୍ତି । ଦଳଗତ ଆଲୋଚନାରେ ଆଲୋଚନାର ଭାରସାମ୍ୟ ରଖାଯାଏ ।

- ଦଳଗତ ଆଲୋଚନା ବିଷୟଟି ଯାହା ନିର୍ଦ୍ଧାରିତ ସେଥିରେ ଅଂଶଗ୍ରହଣ କରୁଥିବା ଆଲୋଚକଗଣ ପୂର୍ବରୁ ପ୍ରସ୍ତୁତ ହୋଇ ନିଜ ନିଜର ବକ୍ତବ୍ୟ ବା ମତ ଉପସ୍ଥପନା କରିବା ଆବଶ୍ୟକ । ବକ୍ତୃତା ଭଳି ଏଥିରେ ନିଜର ଉପସ୍ଥପନା ଶୈଳୀ ପ୍ରଦର୍ଶନର ସୁଯୋଗ ନଥାଏ ସତ, ହେଲେ ନିଜର ବୁଦ୍ଧି ଓ ଜ୍ଞାନର ପ୍ରଦର୍ଶନ କରିହୁଏ । ନିଜର ଯୁକ୍ତି କିଭଳି ଅକାଟ୍ୟ ତାହା ଦେଖାଇବାରେ ସୁଯୋଗ ଥାଏ ।

- ଦଳଗତ ଆଲୋଚନା ଥାଏ ଦୂରଦର୍ଶିତା, ମୌଳିକ ଦୃଷ୍ଟିଭଙ୍ଗୀ ଓ ଚିନ୍ତାଧାରର ଗଭୀରତା । ସାଧାରଣତଃ ଆମେ ବୁଝିଥାଉ, କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଗୋଟିଏ ଦଳ ମଧ୍ୟରେ ସାଧାରଣ ଆଲୋଚନା । ଗୋଟିଏ ଦଳରେ ଥିବା ଅଂଶ ଗ୍ରହଣକାରୀ ନିଜନିଜର ବକ୍ତବ୍ୟ ବା ଯୁକ୍ତି ଉପସ୍ଥାପନର ଏଥିରେ ସୁଯୋଗ ଥାଏ । ନିଜର ମତାମତ ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ ଓ ସନ୍ତୁଷ୍ଟ କରିବାର ସୁଯୋଗ ଥାଏ । ଏହା ତର୍କ ପ୍ରତିଯୋଗିତା ହୋଇ ନଥିବାରୁ ଏଥିରେ ସମସ୍ତଙ୍କ ମତରେ ସମାନ ଗୁରୁତ୍ୱ ଥାଏ ।

- ଦଳଗତ ଆଲୋଚନାରେ ପ୍ରତ୍ୟେକ ଆଲୋଚକ ବା ଅଂଶଗ୍ରହଣକାରୀଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ପ୍ରକାଶ କରିବାର ସୁଯୋଗ ଥାଏ ସତ, ତେବେ ଅନ୍ୟ ମାନଙ୍କୁ ନିଜର ଯୁକ୍ତ ବା ମତ ନେଇ ବାଧ କରିବା, ଅତ୍ୟଧିକ ବା ଅନାବଶ୍ୟକ କଥା କହିବା କିମ୍ବା ଦଳଗତ ଆଲୋଚନା କରିଥିବା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ଗୁରୁତ୍ୱ ହ୍ରାସ ପାଇଁ ଜାଣିଶୁଣି ପ୍ରଚେଷ୍ଟା କରିବା ଆଦୌ ସ୍ୱହଣୀୟ ହୋଇନଥାଏ । ଦଳଗତ ଆଲୋଚନାରେ ଯୁକ୍ତିତର୍କ କି ବାକ୍‌ବିତଣ୍ଡା ପରିବର୍ତ୍ତେ ସ୍ପଷ୍ଟ ଭାବେ ନିଜ ନିଜର ମତ ଉପସ୍ଥାପନ କରିବା ସର୍ବାଦୌ ଆବଶ୍ୟକ ।

କୌଣସି ବଷୟକୁ ଅନ୍ୟମାନଙ୍କ ନିକଟରେ ଅତି ସୁନ୍ଦର ଭାବରେ ଉପସ୍ଥାପନ କରିବା ହେଉଛି ମାନବିୟ ଗୁଣରାଜିର ଅନ୍ୟ ଏକ ନିଦର୍ଶନ । ତେଣୁ ସର୍ବଦା ଅନ୍ୟମାନଙ୍କ ମେଳରେ ନିଜର ଉପଯୋଗିମୂଳକ ବକ୍ତବ୍ୟ ନିରବଚ୍ଛିନ୍ନ ଭାବରେ କହିବାକୁ ପ୍ରୟାସ କରାଯାଇପାରେ । ବସ୍ତୁତଃ ଜନ୍ମରୁ କେହି ସୁବକ୍ତାର ପରିଚୟ ପାଇ ନଥାନ୍ତି ଏଥିପାଇଁ ବ୍ୟାପକ ସାଧନା ଓ ପ୍ରୟାସ ହିଁ ଭଲ ବକ୍ତାର ପରିଚୟ ଦେଇଥାଏ ।

## ୨.୬ ଭାଷଣର କୌଶଳର ପ୍ରାସଙ୍ଗିକତା

ବିଷୟର ସଜ୍ଜୀକରଣ, ବିଷୟର ଉପସ୍ଥାପନା, ବିଷୟ ନେଇ ନିଜସ୍ୱ ଚିନ୍ତାଧାରା ବା ଦୃଷ୍ଟିଭଙ୍ଗୀ, ବିଷୟ ଉପରେ ନିଜର ଜ୍ଞାନଗତ ଗଭୀରତା, ବିଷୟକୁ ସଜେଇ କହିବାର କଳା ବା କୌଶଳ, ବିଷୟ ଆବଶ୍ୟକତା କରୁଥିବା ତଥ୍ୟ ଓ ଯୁକ୍ତିର ସମନ୍ୱୟ ଇତ୍ୟାଦି ବିଭିନ୍ନ ବିଷୟକୁ ନେଇ ଭାଷଣ କୌଶଳ । ଏହି କୌଶଳ ହିଁ ବିତର୍କ, ବକ୍ତୃତା, ଦଳଗତ ଆଲୋଚନା, ସାକ୍ଷାତ୍‌କାର, ସ୍ୱଗତକଥନ ଓ ସଂଳାପଭଙ୍ଗୀକୁ ଅଲଗା କରି ଚିହ୍ନାଇଥାଏ । ଏସବୁ କିଭଳି ପରସ୍ପରଠାରୁ ପୃଥକ ତାହା ଏହି କଥନ କୌଶଳରୁ ସ୍ପଷ୍ଟ ବୁଝାପଡେ । କଥନ କୌଶଳ ଅଧିକାଂଶତଃ

ବ୍ୟକ୍ତିତ୍ୱ ବିକାଶ ରେ ସହାୟକ ହୋଇଥାଏ। ନିଜକୁ ଉପସ୍ଥାପନା କରିବା ବା ନିଜର ବକ୍ତବ୍ୟ ପ୍ରକାଶ କରିବା ପାଇଁ ଯେହେତୁ ମାଧ୍ୟମଟି କଥିତ, ତେଣୁ ପ୍ରତ୍ୟକ୍ଷ ସହାୟକ ଏଥିରେ ଅନୁଭୂତ ହୋଇଥାଏ, କହିବାବେଳେ ସମ୍ମୁଖରେ ଜଣେ ବା ଏକାଧିକ ଜଣ ଏକାଠି ଉପସ୍ଥିତ ଥାନ୍ତି, ତେଣୁ ନିଜକୁ ସୁନ୍ଦର ଭାବେ ଉପସ୍ଥାପନା କରି ଅନ୍ୟସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରେ। ନିଜର ଉପସ୍ଥାପନା ଶୈଳୀର ସ୍ୱାତନ୍ତ୍ର୍ୟ, ବେଶ ପୋଷାକ, ଭାବ-ଭଙ୍ଗୀର ଆବଶ୍ୟକତା କଥନ କୌଶଳରେ ନିହିତ ଥାଏ। ସେହିଭଳୀ ବିଷୟ ଚାହୁଁଥିବା ଶବ୍ଦ ସବୁ ପ୍ରୟୋଗ କରିବା କିଛି କମ୍ କଥା ନୁହେଁ। କେମିତି କୁହାଯିବ, କୋଉ କଥା କୁହାଯିବ, କେତେ ବାଗରେ ସଜେଇ କୁହାଯିବ ଏସବୁ କଥା କଥନ କୌଶଳର ଅନ୍ତର୍ଭୁକ୍ତ। ବକ୍ତବ୍ୟ ଦେବା ସମୟରେ ତୁମେ ମାନେ ବକ୍ତୃତା ବା ବିତର୍କର ଗଢଣ ବା ଗଠନ, ଶୈଳୀ ଓ ଭାଷା ପରିପାଟୀ ବିଷୟରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଦିଆଯାଇଥିବା ବିଷୟଟି ସାଂପ୍ରତିକ ସମସ୍ୟାଭିତ୍ତିକ, ଦିବସ ସମ୍ବନ୍ଧୀୟ, ପର୍ବପର୍ବାଣି ସମ୍ବନ୍ଧୀୟ, ସାମାଜିକ ସମସ୍ୟା ମୂଳକ, ସାହିତ୍ୟ - ସଂସ୍କୃତି ସମ୍ବନ୍ଧୀୟ ନା ଜୀବନାଭିତ୍ତିକ ସେ ବିଷୟରେ ଅବଗତ ହୋଇ ପ୍ରସ୍ତୁତି ସହ ପଡିଥାଏ। କହିବା ସମୟରେ ଭାଷା, ଶୈଳୀ ଓ ବିଷୟବସ୍ତୁର ସମନ୍ୱୟ ଲକ୍ଷ୍ୟ କରାଯାଏ। ବିଶେଷକରି ବକ୍ତବ୍ୟର ଉପକ୍ରମ, ଆଖ୍ୟାନ ଓ ଉପସଂହାର ବିଚାରକ ବା ଉପସ୍ଥିତି ଶ୍ରୋତାମଣ୍ଡଳୀ ଲକ୍ଷ୍ୟ କରିଥାନ୍ତି। ବକ୍ତବ୍ୟର ବାକ୍ୟ ଗୁଡିକ ଯଥା ସମ୍ଭବ ସୁନ୍ଦର ଓ ସରଳ ହେଲେ ଭଲ। କ୍ଳିଷ୍ଟ ବା ଜଟିଳ ବାକ୍ୟରେ ଯଦି ବିଷୟଟିର ଅବତାରଣା କରାଯାଏ, ତେବେ ମଝିରେ ମଝିରେ ତୁମେମାନେ ହୁଏତ କହିବାବେଳେ ଅଟକି ଯିବାର ବା ମନେ ନପଡିବାର ଆଶଙ୍କା ଥାଏ, ଏଭଳି ଅପ୍ରୀତିକର ସମ୍ମୁଖୀନ ହେବା ଅପେକ୍ଷା ଯଥାସମ୍ଭବ ଠିକ୍ ଭାବେ କଥାଟିକୁ କହିବା ଶ୍ରେୟସ୍କର ମନେହୁଏ, ସେହି ଭଳି ଆଉ ଗୋଟିଏ କଥା, ତୁମେମାନେ ପ୍ରାୟତଃ ବିଭିନ୍ନ ଉଦ୍ଧୃତି ଦେଇ ବକ୍ତୃତା ବା ବିତର୍କଟିକୁ ସୁନ୍ଦର କରିବାର ପ୍ରୟାସ କରିଥାଅ। ତେବେ ମନେ ରଖ, ଏଥିରେ ସଠିକତା ଯେମିତିକା କିଏ କହିଛନ୍ତି, କେଉଁ ପ୍ରସଙ୍ଗରେ କହିଛନ୍ତି ତାହା ମଧ୍ୟ ସଠିକ୍‌ଭାବେ କୁହାଯିବା ଆବଶ୍ୟକ। ଧରାଯାଉ ମାତୃଭାଷା ବିଷୟ ଆଧାରିତ କୌଣସି ବିତର୍କ ବା ବକ୍ତୃତାରେ ତୁମେମାନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଲିଖିତ ପରିଚିତ ପଙ୍‌କ୍ତି -

"ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନି ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?"

କୌଣସି ବକ୍ତୃତାର ପ୍ରାସଙ୍ଗିକତାକୁ ଲକ୍ଷ୍ୟ କରି ବକ୍ତବ୍ୟ ମଝିରେ ଉଦାହରଣ ବା ଦୃଷ୍ଟାନ୍ତ ଭାବେ ଏହାକୁ ଉଦ୍ଧାର କରିବାକୁ ଚାହୁଁଛି ଭଲକଥା। ତେବେ ଏହି କବିତା ପଙ୍‌କ୍ତିଟି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଲିଖିତ ବୋଲି କହିବାକୁ ଯେପରି ନ ଭୁଲ। ଯଦି ଭୁଲ୍‌ବଶତଃ ପଙ୍‌କ୍ତିଟି ଉତ୍କଳମଣି ଗୋପବନ୍ଧୁ ଦାସ ବା କବିବର ରାଧାନାଥ ରାୟଙ୍କ ଲିଖିତ ବୋଲି କହିଦିଅ, ତେବେ ତୁମ କହିବା ନିରର୍ଥକ ହୋଇଯିବ। ଏଭଳି କହିଲେ ତୁମ ବକ୍ତୃତା ବା ବିତର୍କ ପାଇଁ ସ୍ଥିରୀକୃତ ନମ୍ବରରୁ ନମ୍ବର କଟିଯିବାର ସମ୍ଭାବନା ବା ଆଶଙ୍କା ରହିଛି। ତୁମେ ଯାହା କହୁଛ ଯେତିକି କହୁଛ ସେତିକି ଯେମିତି ନିର୍ଭୁଲ, ଯୁକ୍ତିଯୁକ୍ତ ତଥ୍ୟଭିତ୍ତିକ ହୋଇପାରିବ ସେଥିପ୍ରତି ତୁମେମାନେ

ଧ୍ୟାନ ଦେବା ଆବଶ୍ୟକ। ମନେରଖ, ତୁମମାନଙ୍କର ବକ୍ତୃତାଟି ନିଜସ୍ୱ ସୃଜନଶକ୍ତି, ଚିନ୍ତାଶକ୍ତି ଓ କଳ୍ପନା ଶକ୍ତିର ତ୍ରିବେଣୀ ସଦୃଶ। ନିଜର ଜ୍ଞାନ ଗରିମା, ନିଜର ବୃଦ୍ଧିବିବେକ, ନିଜର ସ୍ମରଣଶକ୍ତି- ଏସବୁ କଥନକୌଶଳରେ ଆବଶ୍ୟକ। ମନେରଖ, ତୁମମାନଙ୍କର ବକ୍ତୃତାଟି ନିଜସ୍ୱ ସୃଜନଶକ୍ତି, ଚିନ୍ତାଶକ୍ତି ଓ କଳ୍ପନା ଶକ୍ତିର ତ୍ରିବେଣୀ ସଦୃଶ। ନିଜର ଜ୍ଞାନ ଗରିମା, ନିଜର ବୃଦ୍ଧବିବେକ, ନିଜର ସ୍ମରଣଶକ୍ତି - ଏସବୁ କଥନକୌଶଳରେ ଆବଶ୍ୟକ, ନିଜେ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କହିବାକୁଥିବା କଥାକୁ କେମିତି ଭଲ ଭାବେ ବାଗେଇ କହିପାରିବ ତାହା ତୁମ ଉପରେ ନିର୍ଭର କରିଥାଏ। ଯେତିକି ମନିରଖିପାରିବ, ସେତିକି ଅଭ୍ୟାସ କରି ମନେପକାଇ କହିବାଟା ଭଲ।

ତୁମେମାନେ ଯାହା କହିବାକୁ ଚାହୁଁଛ, ତାହାକୁ ଭଲଭାବେ ପ୍ରସ୍ତୁତ କର। ପ୍ରଥମେ ବିଷୟବସ୍ତୁକୁ ଭଲଭାବେ ବୁଝ, କେମିତି ଏହି ବିଷୟବସ୍ତୁ ର ବ୍ୟାଖ୍ୟା ବା ବର୍ଣ୍ଣନା କଲେ ଅନ୍ୟମାନଙ୍କ ହୃଦୟ କିଣି ପାରିବ ସେଥିପାଇଁ ପ୍ରସ୍ତୁତ ବା ଯୋଜନା କର। ବିଷୟବସ୍ତୁର ଗୁରୁତ୍ୱ ବୁଝିବା ସହ ବିଷୟବସ୍ତୁ ଉପରେ ଗୁରୁତ୍ୱ ଆରୋପ କରିବା ଭଲବକ୍ତାର ଲକ୍ଷଣ, ଭାଷଣ ବା ବକ୍ତୃତା ଦେବାବେଳେ ଉତ୍ସାହିତ ହୁଅନ୍ତୁ, ନିରାଶ ହୁଅନ୍ତୁ ନାହିଁ। ସେହିପରି ଏକନିଷ୍ଠ ହୋଇ ବକ୍ତବ୍ୟ ପ୍ରଦାନକରି ଅନ୍ୟମାନଙ୍କ ଧ୍ୟାନ ଆକର୍ଷଣ କରନ୍ତୁ। ଉତ୍କଣ୍ଠା ସୃଷ୍ଟି କରିପାରିଲେ ଭଲ। ଯଦି କିଛି ଘଟଣା ବା ଉଦାହରଣ ବକ୍ତବ୍ୟ ମଝିରେ ଆବଶ୍ୟକତା ଅନୁସାରେ କହିପାରିବ, ତେବେ ତାହା ନିଶ୍ଚୟ ଅନ୍ୟମାନଙ୍କୁ ଆକୃଷ୍ଟ କରିବ। ଏଠାରେ ଗୋଟିଏ ନମୁନା ଭାଷଣ ଲକ୍ଷ୍ୟ କଲେ ବୁଝାପଡିବ ଉଦାହରଣର ଆବଶ୍ୟକତା କେତେ ଜରୁରୀ।

## ୨.୭ ଭାଷଣର ନମୁନା - ୧

ବକ୍ତୃତାର ବିଷୟ - ଉତ୍କଳ ଦିବସ ପାଳନର ଯଥାର୍ଥତା

ବକ୍ତୃତାର ପ୍ରଥମ ଭାଗ -

"ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନି ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?"

ମାନନୀୟ ବିଚାରକ ମଣ୍ଡଳୀ! ମୋର ପ୍ରିୟ ପ୍ରତିଯୋଗୀ ଭାଇ ଓ ଭଉଣୀଗଣ। ଉପସ୍ଥିତ ସୁଧିବୃନ୍ଦ। ଆଜି ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ଏହ ବକ୍ତୃତା ପ୍ରତିଯୋଗିତାରେ ଉତ୍କଳ ଦିବସ ପାଳନର ଯଥାର୍ଥତା ବିଷୟରେ ମୁଁ କିଛି କହିବାକୁ ଯାଉଛି। ବନ୍ଧୁଗଣ! ପ୍ରତିବର୍ଷ ଆମେ ମାତୃଭୂମିର ସମ୍ମାନାର୍ଥେ ଏହି ଦିବସ ପାଳନ କରୁଛୁ। ଏହା ଯଥାର୍ଥ, ଏଥିରେ ଦ୍ୱିମତ ନାହିଁ। ୧୯୩୬ ମସିହା ଏପ୍ରିଲ୍ ମାସ ୧ ତାରିଖ ଦିନ ପରାଧୀନ ଭାରତ ବର୍ଷର ପ୍ରଥମ ଭାଷାଭିତ୍ତିକ ପୃଥକ ପ୍ରଦେଶର ମାନ୍ୟତା ପାଇଥିଲା ଆମ ମାତୃଭୂମି ଉତ୍କଳ ବା ଓଡିଶା। ଓଡିଶା ମାତୃଭାଷାକୁ ଆଧାର କରି ଓଡିଶା ପ୍ରଦେଶ ଆମେ ପାଇଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଅକ୍ଳାନ୍ତ ଅଦ୍ୟମ ସତରେ ଏ ଦିଗରେ ଥିଲା ଅବିସ୍ମରଣୀୟ। ଆମ ଭାଷା ସାହିତ୍ୟର ରଥୀଗଣ ବିଶେଷକରି ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର ଏହିସ୍ରଷ୍ଟା ତ୍ରୟୀ ସେ ସମୟର ଓଡିଶାବାସୀଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

**ବକ୍ତୃତାର ଦ୍ୱିତୀୟ ଭାଗ –** ବିଦ୍ୟାର୍ଥୀଗଣ ! ଆଜି ପବିତ୍ର ଉତ୍କଳ ଦିବସ। ୧୯୩୫ ମସିହାର ଭାରଗ ଶାସନ ଆଇନ ବଳରେ ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡିଶା – ଆଜି ଆମ ସମସ୍ତଙ୍କର ଗର୍ବ ଓ ଗୌରବ। ତେବେ, ଆମେ ପ୍ରତିବର୍ଷ ଉତ୍କଳ ଦିବସ ଖୁବ୍ ଯାକଯମକରେ ପାଳୁଛେ, ଭାଷଣ ଦେଉଛେ, ବାଣ ଫୁଟାଉଛେ, ହେଲେ ଆମ ଜାତୀୟତା କାହିଁ ? ଆମେ ଆମ ଓଡିଶାକୁ କେତେ ଭଲ ପାଉଛେ ? ଓଡିଆ ଭାଷାକୁ କେତେ ଆଦର କରୁଛେ ? ଏସବୁ ପ୍ରଶ୍ନର ଉତ୍ତର ଆମକୁ ଖୋଜିବାକୁ ହେବ। ଖାଲି ସଭାସମିତି କି ଭାଷଣ ବାଜିରେ ଉତ୍କଳ ଦିବସ ପାଳନର ଯଥାର୍ଥତା କ'ଣ ତାହା ଆମେ ଆଜି ବୁଝିବା ଦରକାର। ଭାଷାଭିତ୍ତିକ ପ୍ରଥମ ପ୍ରଦେଶ ଓଡିଶାର ଟେକ ଆମେ ରଖିବା। ଆତ୍ମ ସମୀକ୍ଷା କରିବା ଆବଶ୍ୟକ।

**ବକ୍ତୃତାର ଶେଷ ଭାଗ –** ଶେଷରେ ଏତିକି କହିବାକୁ ଚାହେଁ, ଆଜି ଆମେ ଅପଥ ନେବା ଉତ୍କଳକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ଗଢିତୋଳିବା। ଓଡିଶାପାଇଁ କିଛି ଭାବିବା, କିଛି କରିବା ତାହା ହେଲେ ଏହି ଦିବସ ପାଳରେ ଯଥାର୍ଥତା, ପ୍ରମାଣ ହେବ। ପରିଶେଷରେ ଗୋଟିଏ କବିତାପଦ ଉଦ୍ଧାର କରି ମୋ ବକ୍ତବ୍ୟ ଶେଷ କରିବି –

ମାତୃଭୂମି ମାତୃଭାଷାର ବଦନ।
ଦୀପ୍ତକର ଦେଇ ଧନ, ଧ୍ୟାନ, ମନ।

କୌଣସି ନିର୍ଦ୍ଦିଷ୍ଟ ଦିବସ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେଲେ ସେହି ଦିବସର ବିଶେଷତ୍ୱ ବା ତାତ୍ପର୍ଯ୍ୟ କହିବାକୁ ହୁଏ, ଏବଂ ସେହି ଦିବସ ବା ବିଷୟ ସମ୍ପର୍କିତ କିଛିଟା ଉଦାହରଣ ବି ଦେବାକୁ ହୁଏ। ଏଭଳି କହିଲେ ବଚାରକବୃନ୍ଦ ଆକୃଷ୍ଟ ହୋଇଥା'ନ୍ତି। ପ୍ରତିଯୋଗିତା ପାଇଁ ଏଭଳି କହିବା, ଗୋଟିଏ କଳା ଭଳି। ଗୋଟିଏ ସଫଳ ଭାଷଣ ବା ବକ୍ତୃତା, ଉତ୍ତମ ଶବ୍ଦର ସୁକ୍ଷମ ବ୍ୟବହାର ଓ କଳାକୁଶଳତା ଉପରେ ନିର୍ଭର କରିଥାଏ। ଆମେ କହୁଥିବା ଭାଷଣ ବା ବକ୍ତୃତାରେ ଯଦି ସ୍ମରଣୀୟ ତଥ୍ୟ ବା ନୂତନତା ନଥାଏ, ତେବେ ସେଭଳି ବକ୍ତବ୍ୟର କୌଣସି ବିଶେଷ ପ୍ରଭାବ ପଡେ ନାହିଁ। ଶ୍ରୋତାମାନଙ୍କ ମନକୁ ଛୁଇଁବାକୁ ଓ ବିଚାରକ ମଣ୍ଡଳୀର ମନରେ ଗଭୀର ଛାପ ପକାଇବାରେ ସଫଳ ହେବାକୁ ଅବଶ୍ୟ କେବଳ ବାକ୍‌ଚାତୁରୀ ବା କଳାକୁଶଳତା ନୁହେଁ, ସତ୍ୟସମ୍ବଳିତ ତଥ୍ୟ, ଗଭୀରଜ୍ଞାନ ଓ ଅଧ୍ୟୟନ ସହ ସହଜବୋଧଗମ୍ୟ ଶବ୍ଦାବଳୀ ପ୍ରୟୋଗ କରିବାର କଳା ଓ କୁଶଳତାର ପ୍ରୟୋଜନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦୃଢ, ପ୍ରାଞ୍ଜଳ ଓ ସ୍ପଷ୍ଟଭାବେ ନିଜକୁ ବ୍ୟକ୍ତ କରିବା ହେଉଛି ଭଲ ବକ୍ତୃତା ଦେବାପାଇଁ ଆବଶ୍ୟକ ହେଉଥିବା ଗୁଣର ଏକ ଚିହ୍ନ। ବକ୍ତବ୍ୟ ଦେବା ବା ନିଜକୁ ବ୍ୟକ୍ତ କରିବାର ଦକ୍ଷତା ବକ୍ତୃତା ପ୍ରତିଯୋଗିତା, ଅଣଆନୁଷ୍ଠାନିକ ଆଲୋଚନା, ଦଳଗତ ଆଲୋଚନାଠାରୁ ଆରମ୍ଭକରି ସାଧାରଣ ସଭାମାନଙ୍କରେ ଭାଷଣ ଦେବା ପର୍ଯ୍ୟନ୍ତ ସୁଯୋଗର ଅବକାଶ ଥାଏ। ଏହିସବୁ ସୁଯୋଗର ସଦୁପଯୋଗ, ଭଲ ଭାଷଣର ରହସ୍ୟ। ଭଲଭାଷଣ ପାଇଁ କେତୋଟି ସାଧାରଣ କଥାକୁ ଆମେ ଗୁରୁତ୍ୱ ଦେବା ଆବଶ୍ୟକ। ଯେମିତିକି- ପ୍ରତିଦିନ କଥୋପକଥନରେ ସବିଶେଷ ଆଲୋଚନା କରିବା, ଫଳପ୍ରଦ ବା ସଫଳ ଭାଷଣର କୌଶଳଗୁଡିକର ବ୍ୟବହାର କରିବା, ସାଧାରଣ ସଭା ବା ଆଲୋଚନା ଚକ୍ରରେ କହିବା ପାଇଁ ସୁଯୋଗ ଖୋଜିବା, ଅଧ୍ୟୟନ ଓ ଅଧ୍ୟବସାୟ କରିବା ସର୍ବୋପରି ଯଦି କୌଣସି ବକ୍ତୃତା ବା ଦଳଗତ ଆଲୋଚନାରେ ଅଂଶଗ୍ରହଣ କରୁଛେ ତେବେ ସେଥିରେ ପୁରସ୍କୃତ ହେବାକୁ ସ୍ଥିରନିଶ୍ଚିତ ହେବା-

ଏସବୁ କଥା ଆମେ ଯଦି ମନରେ ରଖି ବା ଅଭ୍ୟାସ କରି ଭାଷଣ ଦେବା, ତେବେ ସଫଳତାର ଶ୍ରେୟ ପାଇବା। ଅଭ୍ୟାସ କରିବାର ପ୍ରତ୍ୟେକ ସୁଯୋଗର ଉପଯୋଗ କରିବାସହ ଆତ୍ମସଚେତନ ହୋଇ ନିଜର ଆତ୍ମବିଶ୍ୱାସ ବଢାଇବା ଅନେକ ସମୟରେ ସଫଳତାର ଚାବିକାଠି ସଦୃଶ ହୋଇଥାଏ। ଦେବାକୁ ଥିବା ଭାଷଣଟି ପୂର୍ବରୁ ପ୍ରସ୍ତୁତ କରିବା ବା ଲେଖିବା ଆଦୌ ଅଦରକାରୀ ନୁହେଁ ତେବେ ଭାଷଣଟିକୁ ମୂଳରୁ ଶେଷପର୍ଯ୍ୟନ୍ତ ଘୋଷି ପକାଇବା ଆଦୌ ଆବଶ୍ୟକ ନୁହେଁ। କାରଣ ଆମୂଳଚୂଳ ଘୋଷିଥିଲେ, ଅନେକ ସମୟରେ ଝୁଣ୍ଟିବା ଆଶଙ୍କା ଥାଏ।

## ୨.୮ ଭାଷଣ ନମୁନା -୨

ବିଦ୍ୟାର୍ଥୀଗଣ ଆମେ ଏବେ ଭାଷଣ ବା ବକ୍ତୃତାର ଆଉ କିଛି ନମୁନା ଦେଖିବା -

- **ବକ୍ତୃତାର ପ୍ରସଙ୍ଗ : ତୁମ ମହାବିଦ୍ୟାଳୟର ଅଧକ୍ଷଙ୍କ ବିଦାୟ ସମ୍ବର୍ଦ୍ଧନା**
- **ବକ୍ତୃତାର ପ୍ରଥମ ଭାଗ :** ମାନନୀୟ ସଭାପତି ମହୋଦୟ। ଉପସ୍ଥିତ ଅଧାପକ ଅଧାପିକାବୃନ୍ଦ, ମୋର ପ୍ରିୟ ଛାତ୍ରଛାତ୍ରୀ ବୃନ୍ଦ ଏବଂ ଆଜି ସଭାର ମୁଖ୍ୟ ଆକର୍ଷଣ ଆମ ମହାବିଦ୍ୟାଳୟରୁ ବିଦାୟ ନେଉଥିବା ମାନବୀୟ ଅଧକ୍ଷ ମହୋଦୟ।
- **ବକ୍ତବ୍ୟର ଦ୍ୱିତୀୟ ଭାଗ :** ଆଜି ଆମ ବିଦ୍ୟାଳରେ ପ୍ରବୀଣ ଶିକ୍ଷାବିତ୍, ଛାତ୍ରବତ୍ସଳ, ସ୍ୱନାମଧଣ୍ୟ ଅଧକ୍ଷ ଶ୍ରୀଯୁକ୍ତ ରଘୁନାଥ ମିଶ୍ର ଅବସର ନେଉଛନ୍ତି। ଆଜି ଆମ ମନରେ ଅଶେଷ ଦୁଃଖ, ମନରେ କୋହ। ବିଦାୟ ନେଉଥିବା ଅଧକ୍ଷ ମହୋଦୟ ଆମ ମହାବିଦ୍ୟାଳ୍ୟ ପାଇଁ ଯାହା ଅବଦାନ ଦେଇଛନ୍ତି ତାହା ଅବିସ୍ମରଣୀୟ କେବଳ ଆମ ମହାବିଦ୍ୟାଳୟ ନୁହେଁ, ଆଖପାଖରେ ନିଜର ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ରଥିଲେ। ଖାଲି ସେତିକି ନୁହେଁ, ଓଡିଶାରେ ଶିକ୍ଷା କ୍ଷେତ୍ରରେ ଆମର ପ୍ରିୟ ଅଧକ୍ଷଙ୍କ ସ୍ଥାନ ସ୍ୱତନ୍ତ୍ର।
- **ବକ୍ତବ୍ୟର ତୃତୀୟ ଭାଗ :** ବନ୍ଧୁଗଣ! ଆମେ ଜାଣୁ ଆମ ମହାବିଦ୍ୟାଳୟ ଗୋଟିଏ ଜାହାଜ ସଦୃଶ, ଅଧକ୍ଷ ମହୋଦୟ ଥିଲେ ସେହି ଜାହାଜର ସୁଦକ୍ଷ କପ୍ତାନ। ଅନେକ ଝଡଝଞ୍ଜା, ବାଧାବିଘ୍ନ ଆସିଥିଲେ ବି ସେ ଦକ୍ଷତାର ସହ ଜାହାଜଟିକୁ ଚଳାଇ ନେଇ ଥିଲେ, ତାଙ୍କର ଦୀର୍ଘବର୍ଷର ପ୍ରଶାସନିକ ଅଭିଜ୍ଞତା ଆଧାରରେ ସେ ନିଜକୁ ମୁରବୀ ଭାବେ ପ୍ରମାଣିତ କରିପାରିଛନ୍ତି। ଶିକ୍ଷାଦାନ ସମୟରେ ସେ ଯେମିତି ଛାତ୍ରଛାତ୍ରୀଙ୍କର ପ୍ରିୟପାତ୍ର ଥିଲେ ମହାବିଦ୍ୟାଳୟର ମୁରବୀ ଭାବେ ସେହିଭଳି ସମସ୍ତଙ୍କୁ ସାଥିରେ ନେଇ ମହାବିଦ୍ୟାଳୟର ଉନ୍ନତି ଦିଗରେ ସହାୟକ ହୋଇଥିଲେ। ତାଙ୍କର କାମ କରିବାର ଶୈଳୀ ଦେଖିଲେ ମନେହେଉଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟଥିଲା - work is woship। ସେ ବିଶ୍ୱାସ କରିଥିଲେ ଭଗବତ୍ ଗୀତାର ସେହି ପବିତ୍ର ପଙ୍କ୍ତି- "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ"।

ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରି ସମସ୍ତେ ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱ ପାଇଁ ଭଲପାଉଥିଲେ। ସମ୍ମାନ କରୁଥିଲେ। ଛାତ୍ରଛାତ୍ରୀମାନଙ୍କୁ ନିଜର ପୁଅଝିଅ ଭଳି ସ୍ନେହ କରି ସେମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା କଥା ଆଜି ମନେପଡିଲେ ଆଖିରୁ ଲୁହ ଝରିପଡେ। ଏଭଳି ଜଣେ ଛାତ୍ରବତ୍ସଳ

ପିତୃପ୍ରତିମ ଅଧ୍ୟକ୍ଷ ମୁଁ ଖୁବ୍ କମ୍ ଦେଖିଛି । ସେ ଖାଲି ଆମର ନମସ୍ୟ ନୁହନ୍ତି, ଆମର ଆଦର୍ଶସ୍ଥାନୀୟ । ରାଜ୍ୟ ଓ ରାଜ୍ୟବାହାରେ ଅନେକଥର ବିଭିନ୍ନ ସେମିନାର, କର୍ମଶାଳା, ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇଥିବା ଆମ ବିଦାୟୀ ଅଧ୍ୟକ୍ଷ ରଘୁନାଥ ମିଶ୍ର ଆମ ସମସ୍ତଙ୍କର ଗୌରବ ।

ଆଜିର ଏ ବିଦାୟ ପର୍ବରେ ମୁଁ ତାଙ୍କ ସଂପର୍କରେ କିଛି କହିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆମେ ସମସ୍ତେ ଯେଉଁମାନେ ଆଜି ଏଠାରେ ଉପସ୍ଥିତ ମୋ ସହ ଏକମତ ହେବେ, ତାଙ୍କର ଅବଦାନ ଆକଳନ ପାଇଁ ଏଇ ସମୟ ଯଥେଷ୍ଟ ନୁହେଁ । ଦିନ ଦିନ ଧରି କହୁଥିଲେ ବି କଥା ସରିବନି । ଆପଣମାନଙ୍କ ତରଫରୁ ଏବଂ ମୋ ତରଫରୁ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ ସହ ତାଙ୍କର ଆଶୀର୍ବାଦ ଭିକ୍ଷା କରି ମୁଁ ମୋର ବକ୍ତବ୍ୟ ଶେଷ କରୁଛି ।

ବିଦ୍ୟାର୍ଥୀଗଣ ! ଏହି ନମୁନାରେ ତୁମେମାନେ ଲକ୍ଷ୍ୟ କରିଥିବ, ଜଣେ ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ବିଦାୟରେ କୁହାଯାଇଥିବା କଥାରେ କେମିତି ଆବେଗ ଓ ଆବେଦନ ଥାଏ । ଏଥିରେ ମଧ୍ୟ ଲକ୍ଷ୍ୟ କରିଥିବ ଯେ ବକ୍ତା ଜଣକ ବିଷୟବସ୍ତୁ ସମ୍ପର୍କରେ ଉପସ୍ଥିତ ଥିବା ଶ୍ରୋତାମାନଙ୍କୁ ପ୍ରଥମ ଅବଗତ କରାଇଲେ । ସେ ମଧ୍ୟ ବିଷୟବସ୍ତୁର ଗୁରୁତ୍ୱ ବିଷୟରେ କହି ବିଷୟବସ୍ତୁ ର ବିଭିନ୍ନ ଦିଗ ଉପରେ ଆଲୋକପାତ କଲେ । ଏହି ବକ୍ତବ୍ୟଟିଥିଲା ସ୍ୱାଭାବିକ । ଜଣେ ଅଧ୍ୟକ୍ଷ କିଭଳି ମହାବିଦ୍ୟାଳର ଉନ୍ନତି କଳ୍ପେ କାର୍ଯ୍ୟ କରିବାସହ ଛାତ୍ରଛାତ୍ରୀ, କର୍ମଚାରୀ ସମସ୍ତଙ୍କୁ ନିଜର ଭାବି ସେମାନଙ୍କୁ ଏକାଠି କରିବାରେ ନିଜର ମୁରବୀ ଭୂମିକା ନିର୍ବାହ କରିଥିଲେ ତାହା ଏହି ବକ୍ତବ୍ୟରୁ ସୂଚିତ ହେଲା । ଏହି ନମୁନା ବକ୍ତୃତା ବା ଭାଷଣଟିରେ ମୂଲ୍ୟାୟନର ବ୍ୟବସ୍ଥାନଥିବାରୁ ଏହାର ସମ୍ବୋଧନରେ ବିଚାରକମଣ୍ଡଳୀ ବୋଲି ସମ୍ବୋଧନ କରାଗଲା ନାହିଁ । ଏହି ଭାଷଣ, ମହାବିଦ୍ୟାଳୟ ପରିସରରେ ହୋଇଥିବାରୁ ଏଥିରେ ଉପସ୍ଥିତ ଥିବାରୁ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ସମ୍ବୋଧନ ପରିସର ଭୁକ୍ତ ହୋଇଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ବା ଅଧ୍ୟକ୍ଷଙ୍କ ଅବସର ଜନିତ ବା ସ୍ଥାନାନ୍ତର ଜନିତ ବିଦାୟ କାଳୀନ ସଭାରେ ତାଙ୍କର ଗୁଣକୀର୍ତ୍ତନଗାନ କରାଯାଏ । ତାଙ୍କର ଅବଦାନ ବିଷୟରେ ତାଙ୍କ ରହଣୀକାଳ ମଧ୍ୟରେ ହୋଇଥିବା କର୍ଯ୍ୟାବଳୀ ବିଷୟରେ କୁହାଯାଇଥାଏ । ନମୁନା ଭାଷଣଟିରେ ଏସବୁ ଦିଗପ୍ରତିଧ୍ୟାନ ଦିଆଯାଇ, ସୀମିତ ସମୟ ମଧ୍ୟରେ ଯଥା ସମ୍ଭବ କଥା କୁହାଯାଇଛି ।

ତୁମେମାନେ ଏହି ନମୁନା ଭାଷଣରୁ ସମ୍ବୋଧନଠୁ ଉପସଂହାର ପର୍ଯ୍ୟନ୍ତ ବକ୍ତବ୍ୟର ସଜ୍ଜୀକରଣ ଦେଖିଲ । ବକ୍ତବ୍ୟଟି ଗୋଟିଏ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିଦାହକାଳୀନ ସଭା ଆଧାରିତ ହୋଇଥିବାରୁ ତଦନୁଯାୟୀ ସମ୍ବୋଧନ ହୋଇଥିବାରୁ ଲକ୍ଷ୍ୟକଲ । ତେବେ ମନେରଖ, ସବୁଭାଷଣରେ ପରିଚୟ ପ୍ରଦାନର ଆବଶ୍ୟକତା ନଥାଏ । ଏହି ଭାଷଣଟି ବିଦାୟ ସଭା ହୋଇଥିବାରୁ ଏଥିରେ ପରିଚୟ ନଥିଲା । ଶୋକସଭା, ସ୍ୱାଗତ ସମ୍ବର୍ଦ୍ଧନା ସଭା ବିଦାୟକାଳୀନ ସଭାରେ ପରିଚୟ ପ୍ରଦାନର ଆବଶ୍ୟକତା ନଥାଏ । ଏହି ସବୁସଭାରେ ଯଦି କେହି ସଭାପତିତ୍ୱ କରୁଥାଆନ୍ତି, ତେବେ ତାଙ୍କୁ ସମ୍ବୋଧନ କରି ବକ୍ତବ୍ୟ ଆରମ୍ଭ କରାଯାଇପାରେ । ଏଥିରୁ ବୁଝାପଡିଲା ଯେ, ବକ୍ତା ପ୍ରଥମେ ବିଚାର କରିବା ଉଚିତ୍ ସେ କେଉଁ ସଭାକୁ ଭାଷଣ ଦେବାକୁ ଆସିଛନ୍ତି ଯଦି ଭାଷଣଟି ଆଲୋଚନା ଚକ୍ର କି ସାହିତ୍ରସଭା, ଜୟନ୍ତୀ ସମାରୋହ ଅଥବା ସାମ୍ପ୍ରତିକ ଘଟଣା ଭଳି ସମ୍ପର୍କିତ ହୋଇଥାଏ ତେବେ ଏସବୁ କ୍ଷେତ୍ରରେ ପରିଚୟ ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ତୁମେମାନେ ଜାଣିଛ ଭାଷଣ ବା ବକ୍ତୃତା

ଏକ କଳା । ତେବେ ବକ୍ତା ବା ବ୍ୟକ୍ତି ବିଶେଷ ଚାହିଁଲେ ନିଜର ଭାଷଣ ବା ବକ୍ତୃତାକୁ ଶ୍ରୋତା ମାନଙ୍କଦ୍ୱାରା ଆଦୃତ କରିବା ସହ ବକ୍ତୃତାଟିକୁ ଆକର୍ଷଣ କରିପାରନ୍ତି । ଏହା ଅଭ୍ୟାସ ଉପରେ ନିର୍ଭର କରିଥାଏ । ତେବେ ଖାଲି ଅଭ୍ୟାସ ନୁହେଁ, ନିଜ ଉପରେ ବିଶ୍ୱାସ, ନିଜର ଅନୁଭୂତିର ଗଭୀରତା, ନିୟମିତ ଅଭ୍ୟାସ ସହ ପ୍ରସଙ୍ଗ ଉପରେ ଗଭୀର ଦୃଷ୍ଟି ଭଙ୍ଗୀ ଦ୍ୱାରା ଭାଷଣ ବା ବକ୍ତୃତା ସଫଳ ହୋଇଥାଏ । ପ୍ରତ୍ୟେକ ଭାଷଣ ବା ବକ୍ତୃତାର କେତେ ଗୁଡ଼ିଏ ଦିଗ ହୁଏତ ଏକପ୍ରକାର ହୋଇଥାଇପାରେ ତେବେ ପରିବେଶ ପ୍ରସଙ୍ଗ ଅନୁସାରେ ବକ୍ତବ୍ୟର ପ୍ରକାଶଭଙ୍ଗୀ, ଉପସ୍ଥାପନଶୈଳୀ ଅଲଗା ହୋଇଥାଏ । ଭାଷଣ ଓ ଉଦ୍ଦେଶ୍ୟ ଗୁରୁତ୍ୱ ଅନୁଯାୟୀ ସମୟ ସୀମା ମଧ୍ୟରେ ଧାର୍ଯ୍ୟ ହୋଇଥାଏ । ଯଦି ବକ୍ତୃତା ପ୍ରତିଯୋଗିତା, ତେବେ ୪ ରୁ ୫ ମିନିଟ୍ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟାନ୍ୟ ସଭାରେ ଆବଶ୍ୟକତା ଅନୁସାରେ ବକ୍ତା ଜଣକ ବକ୍ତବ୍ୟର ସମୟ ଧାର୍ଯ୍ୟ କରିଥାଏ । ଧରାଯାଉ ଶୋକସଭା, ସ୍ୱାଗତ ସମ୍ବର୍ଦ୍ଧନାସଭା, ବା ବିଦାୟସଭା । ଏସବୁ ସଭାରେ ଭାଷଣ ଦୀର୍ଘ ହେବା ଉଚିତ୍ ନୁହେଁ । ତେବେ ଯଦି କୌଣସି ସାହିତ୍ୟ ସଭାରେ ବକ୍ତା ବା ଆଲୋଚକ ଅଥବା ସାମ୍ପ୍ରତିକ ଘଟଣାବଳୀ ବିଷୟରେ ଜନସଚେତନତା ସଭା ହୋଇଥାଏ ତେବେ ଏସବୁ କ୍ଷେତ୍ରରେ ଭାଷଣ ଦୀର୍ଘ ହେବା ଆବଶ୍ୟକ । କୌଣସି ଶୋକସଭାରେ ଦିଆଯାଉଥିବା ଭାଷଣ ଉତ୍ତେଜନା ପୂର୍ଣ୍ଣହବା ଅନୁଚିତ ବକ୍ତାଜଣକ ଭାଷଣ ଦେବା ସମୟରେ ଯଥା ସମ୍ଭବ ସଂଯମ ହୋଇ ଯେଉଁ ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଶୋକସଭାରେ ଭାଷଣ ଦେଉଥିବା ବେଳେ ହାସ୍ୟରସ ବା ଥଟ୍ଟାତାମସା କରି ସଭାରେ ହାସ୍ୟରୋଳ ସୃଷ୍ଟିକରିବା ଅନୁଚିତ୍ । କଥା ପ୍ରସଙ୍ଗରେ ମଧ୍ୟ ଏସବୁ କଥା ନଆସିବା ଭଲ । ସେହିଭଳି ଶୋକସଭାରେ ଭାଷଣରେ ସେହି ବ୍ୟକ୍ତବିଶେଷଙ୍କ ଭଲମନ୍ଦ ବିଚାର କରି ତାଙ୍କର ନିନ୍ଦା କି ସମାଲୋଚନା କରିବା ଗ୍ରହଣୀୟ ନୁହେଁ । ଶୋକ ସଭାରେ କେବଳ ଗୁଣ କୀର୍ତ୍ତନ କରାଯାଏ । ତାଙ୍କ ବିୟୋଗରେ ଦୁଃଖିତ ବା ମର୍ମାହତ ବୋଲି କୁହାଯାଇ ତାଙ୍କର ଭଲ କଥାର ଉପସ୍ଥାପନ କରାଯାଇ ଯଶଗାନ କରାଯାଏ । ଏବେ ତୁମମାନେ ବୁଝିପାରିଥିବ- ଭାଷଣ ବା ବକ୍ତୃତା ବିଷୟବସ୍ତୁର ଆବଶ୍ୟକତା ଅନୁସାରେ ବଦଳିଯାଏ । ବିଷୟବସ୍ତୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାଷଣ ଓ ସମ୍ବୋଧନ, ଭାଷଣର ବର୍ଣ୍ଣନା ଓ ଭାଷଣର ଉପସଂହାର ବା ଶେଷ କଥା ସମ୍ପନ୍ନ ହୋଇଥାଏ । କହିବା ସମୟରେ ଆବଶ୍ୟକତା ଅନୁଯାୟୀ କିଛି କବିତା ପଙ୍କ୍ତି କିଛି ଉଦ୍ଧୃତି ଉଦ୍ଧାର କରାଯାଇପାରିଲେ ଭଲ । ଯେହେତୁ ଭାଷଣ ଦେବା ଏକ କଳା ତେଣୁ ବାଗରେ ସଜେଇ ସଜାଡି ଭଲ ଭାବରେ ଉପସ୍ଥାପନ କରାଯାଇପାରେ । ତୁମେମାନେ ମନେରଖ, ଭାଷଣ ଦେବାବେଳେ ହଠାତ୍ ରାଗିଯିବା ବା ଅଯଥାରେ ଠୋ ଠୋ ହସିବା ବା କାହାକୁ ଆକ୍ଷେପ କରିବା ଠିକ୍ ନୁହେଁ । ଭଦ୍ରଭାବେ ବିନୟୀ ହୋଇ ଖୁବ୍ ସ୍ପଷ୍ଟ ଉଚ୍ଚାରଣ ସହ ବକ୍ତବ୍ୟ ରଖିଲେ ତାହା ଅନ୍ୟମାନଙ୍କୁ ଆକୃଷ୍ଟ କରିପାରେ । କ'ଣ କହିବ, କେମିତି କହିବ, କେତେ କହିବ ତାହା ତୁମ ମାନଙ୍କ ଉପରେ ନିର୍ଭର କରେ । ତୁମେମାନେ ବିଷୟବସ୍ତୁର ଆବଶ୍ୟକତା ବା ଚାହିଦା ଅନୁସାରେ ନିଜକୁ ପ୍ରସ୍ତୁତ କରି ନିଜର ଯୋଜନା ମୁତାବକ ବକ୍ତବ୍ୟ ରଖିଲେ ତାହା ସମସ୍ତଙ୍କ ପାଇଁ ଗ୍ରହଣ ଯୋଗ୍ୟ ହୋଇଥାଏ ।

## ୨.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

(କ) ଭାଷଣକଳାର ପରିସର ଓ ଉପଯୋଗୀତା ଉପରେ ଆଲୋଚନା କର ।

(ଖ) ପାଶ୍ଚାତ୍ୟ ଦୃଷ୍ଟିରେ ଭାଷଣ କଳା କ'ଣ ?

(ଗ) ପ୍ରାଚ୍ୟ ଦୃଷ୍ଟି ଭାଷଣ କଳା କ'ଣ ?

(ଘ) ଭାଷଣକଳାର ପ୍ରକାରଭେଦ ଦର୍ଶାଅ ।

(ଙ) ଭାଷଣର ଦିଗଗୁଡ଼ିକ ଆଲୋଚନା କର ।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ସମସ୍ୟାମୂଳକ ଭାଷଣ କାହାକୁ କହିବା ?

(ଖ) ତାର୍କିକ ଭାଷଣର ସୂଚନା ପ୍ରଦାନ କର ।

(ଗ) ବିଦାୟ ଭାଷଣ ଓ ସମ୍ବର୍ଦ୍ଧନା ଭାଷଣ ଉପରେ ସୂଚନା ଦିଅ ?

(ଘ) କେଉଁ କେଉଁ ଉପାଦାନ ଦ୍ୱାରା ଶ୍ରୋତାର ଚିତ୍ତକୁ ଆଚ୍ଛନ କରିଥାଏ ?

(ଙ) ଭାଷଣ ପ୍ରସ୍ତୁତି ନିମନ୍ତେ ବିବରଣୀ ପ୍ରଦାନ କର ।

## ୨.୧୦ ସହାୟକ ଗ୍ରନ୍ଥସୂଚୀ


- ତ୍ରିପାଠୀ ଡ଼. ସନ୍ତୋଷ, ସଂଯୋଗ ଅନୁବିଧି, ବିନୋଦ ବିହାରୀ, କଟକ -୨, ୨୦୧୯


●●●




ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur

www.osou.ac.in
e-mail: info@osou.ac.in